## ଦୃଷ୍ଟିବାଧିତ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ଯୁବକ ଥାନାରେ ଅଟକ

**ତୁରୁମୁଙ୍ଗା, ୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଜଣେ ୨୨ ବର୍ଷୀୟା ଭିନ୍ନକ୍ଷମ ଯୁବତୀ ଦୁଷ୍କର୍ମ ଶିକାର ହୋଇଥିବା ନେଇ ପୀଡ଼ିତା ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନା ଏରେଣ୍ଡେଇ ଗ୍ରାମର ତାଟିହୁଡ଼ି ସାହିର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଘରେ ଏକୁଟିଆ ପାଇ ଉକ୍ତ ଗ୍ରାମର ଯୁବକ ସୁଶାନ୍ତ ନାଏକ ନିଶାଶକ୍ତ ଅବସ୍ଥାରେ ଗତ ୧୪ ତାରିଖରେ ଯୁବତୀଙ୍କ ଘରେ ପଶି ଯୁବତୀଙ୍କୁ ଘରୁ ଟାଣି ନେଇ ଗାଁ ନିକଟରେ ଥିବା ଏକ ହୁଡ଼ିକୁ ନେଇ ଦୁଷ୍କର୍ମ କରିଥିଲା। ଯୁବତୀ ଜଣେ ଦୃଷ୍ଟି ବାଧିତ ହୋଇଥିବାରୁ ନିଜକୁ ବଞ୍ଚାଇ ପାରି ନଥିଲେ। ଏହି ଘଟଣା ବାହାରେ ପ୍ରଘଟ କଲେ ଯୁବତୀଙ୍କୁ ଜୀବନରୁ ମାରି ଦେବାର ଧମକ ଦେବା ସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲା ସୁଶାନ୍ତ। ଯୁବତୀଙ୍କ ବାପା ମାଆ ନଥିବା ବେଳେ ସେ ଭାଇ ଭାଉଜପାଖରେ ରହୁଥିଲେ। ଘଟଣା ସମ୍ପର୍କରେ ଭାଉଜଙ୍କୁ ଜଣାଇବା ପରେ ନ୍ୟାୟ ପାଇବା ପାଇଁ ପୀଡ଼ିତା ଜଣଙ୍କ ସୋମବାର ଭାଉଜଙ୍କ ସହ ପାଟଣା ଥାନା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ୨୨୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଯୁବକକୁ ଥାନାରେ ଅଟକ ରଖି ତଦନ୍ତ କରୁଛି।

## ବେଲବାହାଲିରେ ହେଟାବାଘର ପାଦ ଚିହ୍ନ

**ବେଲବାହାଲି, ୨୭।୫(ସମିସ):** ଆନନ୍ଦପୁର ଉପଖଣ୍ଡ ବେଲବାହାଲି ଗ୍ରାମ ନିକଟରେ ଥିବା ଏକ କାଜୁବଗିଚାରୁ ହେଟା ବାଘର ପାଦଚିହ୍ନ ଦେଖି ଗ୍ରାମର ଲୋକମାନେ ବନବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଦଚିହ୍ନ ଦେଖି ତଦନ୍ତ ଆରମ୍ଭ କରିଛନ୍ତି। ଏହି ପାଦଚିହ୍ନଟି ଜଙ୍ଗଲୀ ହିଂସ୍ର ଜନ୍ତୁ ହେଟା ବାଘ ବୋଲି ଲୋକମାନେ ସନ୍ଦେହ କରୁଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଥିପ୍ରତି ବନ ବିଭାଗ ଯଥାଶୀଘ୍ର ଦୃଷ୍ଟି ଦେଇ ହିଂସ୍ର ଜନ୍ତୁଟିକୁ ଖୋଜି ବାହାର କରିବା ପାଇଁ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।




# ଆଜି ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ବାଲେଶ୍ୱର ଗସ୍ତ



- ବିଭିନ୍ନ ସ୍ଥାନରେ ଜନସମାବେଶରେ ଦେବେ ଉଦ୍‌ବୋଧନ
- ସହରରେ ବିଶାଳ ରୋଡ୍ ଶୋ' କାର୍ଯ୍ୟକ୍ରମ

**ବାଲେଶ୍ୱର, ୨୭ ।୫(ସମିସ):** ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ପ୍ରଚାର କରିବା ପାଇଁ ମଙ୍ଗଳବାର ବାଲେଶ୍ୱର ଗସ୍ତରେ ଆସୁଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ । ଜିଲ୍ଲାର ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭା ଥିବାବେଳେ ସନ୍ଧ୍ୟାରେ ବାଲେଶ୍ୱର ସହରରେ ରୋଡ ଶୋ' କରାଯିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ, ଶ୍ରୀ ପାଣ୍ଡିଆନ ବେତନଟୀରୁ ନିର୍ବାଚନ ପ୍ରଚାର ସାରି ବାଲେଶ୍ୱର ଜିଲ୍ଲାକୁ ହେଲିପ୍ୟାଡ୍ ଯୋଗେ ପ୍ରଥମେ ଦିନ ୧୧ଟା ୫୫ମିନିଟରେ ଜଳେଶ୍ୱର ଠାରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେଠାରୁ ମଧ୍ୟାହ୍ନ ୧୨ଟା ୩୦ରେ ବାହାରି ଭୋଗରାଇରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ । ଏହାଛଡ଼ା ସେ ମଧ୍ୟାହ୍ନ ୧ଟା୨୦ରୁ ବାହାରି ବସ୍ତାରେ ପହଞ୍ଚି ସେଠାରେ ଲୋକଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପରେ ସେ ୩ଟା ୪୫ରେ ବସ୍ତାରୁ ବାହାରି ସିଧାସଳଖ ରେମୁଣା ନିର୍ବାଚନମଣ୍ଡଳୀ ପାଇଁ ଅପରାହ୍ନ ୪ଟାରେ କରୁଡା ହାଟପଡ଼ିଆରେ ନିର୍ବାଚନ ସଭାରେ ଯୋଗଦେବେ । ସେଠାରୁ ଅପରାହ୍ନ ୪ଟା୫୫ରୁ ବାହାରି ସିଧାସଳଖ ନୀଳଗିରି ଅଭିମୁଖେ ଯାଇ ଉଦ୍‌ବୋଧନ ଦେବେ । ପରେ ଶ୍ରୀ ପାଣ୍ଡିଆନ ୬ଟା ୩୦ମିନିଟ ସମୟରେ ସହରରେ ଅନୁଷ୍ଠିତ ହେବାକୁ ଥିବା ଏକ ରୋଡ ଶୋ'ରେ ଯୋଗଦେବେ । ଏହି ରୋଡ ଶୋ' ବିଶେଷ କରି ସହରର ଓଡିରୋଡ୍ ସ୍ଥିତ ଡିଆଇସି ଛକଠାରୁ ବାହାରି ଗଡ଼ଗଡ଼ିଆ ଭାୟା ଫାଣ୍ଡିଛକ ହୋଇ ଚିଡ଼ିଆପୋଲ, ସିନେମାଛକ, ଟାଉନଥାନା ଛକ, ମ୍ୟୁନିସିପାଲିଟି ଛକ ହୋଇ ଗଡ଼ଗଡ଼ିଆ ଛକରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ରାତି ୯ଟାରେ ଶେଷ ହେବା ପରେ ସେ ସେଠାରୁ ସିଧାସଳଖ ଚାନ୍ଦିପୁରସ୍ଥିତ ପାନ୍ଥ ନିବାସକୁ ଯାଇ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି ।

# ଆରମ୍ଭ ହେଲା ପୋଷ୍ଟାଲ୍ ବାଲାଟ୍ ଭୋଟ



**ବାଲେଶ୍ୱର, ୨୭ ।୫(ସମିସ):** ନିର୍ବାଚନ ସମୟରେ ମତଦାନରେ ସବୁଠୁ ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରେ ପୋଷ୍ଟାଲ ବାଲାଟ । ଏଣୁ ୨୦୨୪ସାଧାରଣ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବାଲେଶ୍ୱର ଜିଲ୍ଲାରେ ମୁଖ୍ୟ ପ୍ରାଧାନ୍ୟ ସହିତ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସୁବିଧା କେନ୍ଦ୍ରର ସ୍ଥାପିତ କରାଯାଇଛି । କେନ୍ଦ୍ରଗୁଡ଼ିକରେ ସୋମବାର ଠାରୁ ବୁଧବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ଆରମ୍ଭ ହୋଇଛି । ବିଶେଷ କରି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋର, ସିମୁଳିଆ ଏବଂ ସଦର ନିର୍ବାଚନମଣ୍ଡଳୀ ପାଇଁ ବାଲାଟ ଭୋଟ ମତଦାନ ଆରମ୍ଭ ହୋଇଛି । ସେହିପରି ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭୋଗରାଇ, ବସ୍ତା, ଜଳେଶ୍ୱର ଏବଂ ରେମୁଣା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ହେଉଥିବା ବେଳେ ଏବଂ ନୀଳଗରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କେବଳ ନୀଳଗିରି ନିର୍ବାଚନମଣ୍ଡଳୀ ପାଇଁ ଏହି ବାଲାଟ ଭୋଟ ମତଦାନ ଅନୁଷ୍ଠିତ ହେଉଛି । ଏହି ପୋଷ୍ଟାଲ ବାଲାଟ ଭୋଟିଂ ବ୍ୟବସ୍ଥାରେ ପୁଲିସ, ଜରୁରୀକାଳୀନ, ଅଗ୍ନିଶମ, ସ୍ୱାସ୍ଥ୍ୟ ଅଧିକାରୀ, ଭିଡିଓଗ୍ରାଫର, ସଫେଇ କର୍ମଚାରୀ, ଡ୍ରାଇଭର, ହେଲପର ଓ ଅନ୍ୟାନ୍ୟ ନିୟୋଜିତ କର୍ମଚାରୀମାନେ ମତଦାନ କରିବାର ବ୍ୟବସ୍ଥା ରହିଛି । ଏହାଛଡ଼ା ଭୋଟିଂ ପ୍ରକ୍ରିୟାର ଅଖଣ୍ଡତା ଓ ଗୋପନୀୟତାକୁ ସୁନିଶ୍ଚିତ କରିବା ପାଇଁ ଏହି କେନ୍ଦ୍ରଗୁଡ଼ିକୁ ପୋଷ୍ଟାଲ ବାଲାଟ ପେପର, ଲଫାପା, ସୁରକ୍ଷିତ ବାଲାଟ ବକ୍ସ ସମେତ ସମସ୍ତ ଆବଶ୍ୟକୀୟ ସମ୍ବଳର ବ୍ୟବସ୍ଥା ମଧ୍ୟ କରାଯାଇଛି । ଅନ୍ୟପଟେ ଏହି କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ତାଲିମପ୍ରାପ୍ତ ଅଧିକାରୀମାନେ ନିୟୋଜିତ ରହିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ପୋଷ୍ଟାଲ ବାଲାଟ ପାଇଁ ବାଲେଶ୍ୱର ଜିଲ୍ଲାରେ ୩ହଜାର ଜଣ ମତଦାତା ଅଛନ୍ତି ଓ ନିର୍ବାଚନ କର୍ତ୍ତବ୍ୟରେ ସମ୍ପୃକ୍ତ ଥିବାରୁ କୌଣସି ଯୋଗ୍ୟ ଭୋଟର ଯେପରି ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଆଶୀଷ ଠାକରେ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଯୋଗ୍ୟ ଭୋଟର ଏହି ସୁଯୋଗର ଲାଭ ଉଠାଇବା ସହ ଆଗାମୀ ନିର୍ବାଚନକୁ ସଫଳ କରିବା ପାଇଁ ଅନୁରୋଧ କରିଛନ୍ତି ।

## ଭୋଟ ପାଇଁ ଉତ୍ସାହିତ ଯୁବ ଭୋଟର୍

# ବିକଶିତ ବାଲେଶ୍ୱର ପାଇଁ ଯୁବପିଢ଼ିଙ୍କ ପ୍ରଥମ ଭୋଟ

**ବାଲେଶ୍ୱର, ୨୭।୫(ସମିସ)**

ଆଉ କିଛି ଦିନ ପରେ ବା ଜୁନ ୧ ତାରିଖରେ ବାଲେଶ୍ୱର ଜିଲ୍ଲାରେ ସପ୍ତମ ପର୍ଯ୍ୟାୟରେ ମତଦାନ ହେବ । ସେଥିପାଇଁ ଜିଲ୍ଲାରେ ଚାରିଆଡ଼େ କେବଳ ନିର୍ବାଚନୀ ଚର୍ଚ୍ଚା । କେମିତି ରହିବ ଏଥରର ମତଦାନ ମାହୋଲ ଏବଂ କିଏ କାହାକୁ ଦେବ ଭୋଟ୍ ଏପରି ଚର୍ଚ୍ଚା ବାଲେଶ୍ୱରର ଛକମାନଙ୍କରେ ତଥା ଚା' ଖଟିରେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଚାଲୁଛି ନିର୍ବାଚନୀ ଚର୍ଚ୍ଚା । ବୟସ୍କ ତଥା ଅଭିଜ୍ଞଙ୍କଠାରୁ ଆରମ୍ଭ କରି ଏଥର ନୂଆ କରି ଭୋଟ ଦେବାକୁ ଥିବା ନବାଗତ ଯୁବପିଢ଼ିଙ୍କ ମଧ୍ୟରେ ମତଦାନକୁ ନେଇ ଆଗ୍ରହ ଭରିରହିଛି । ଅନ୍ୟପଟେ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବାଲେଶ୍ୱର ଜିଲ୍ଲାରେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ପ୍ରଚାର ଜାରି ରହିଛି । ସାଧାରଣ ନିର୍ବାଚନରେ ନିଜର ମତଦାନକୁ ନେଇ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ତେବେ କିଛି ନୂଆ ଏବଂ କିଛି ଯୁବ ଭୋଟରଙ୍କ ମତାମତକୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା ।

**ପ୍ରତିଟି ଭୋଟର ମତଦାନ କରିବା ନିହାତି ଆବଶ୍ୟକ**

## କଣ କୁହନ୍ତି ସେମାନେ...



ସାଧାରଣ ନିର୍ବାଚନ ପାଇଁ ମୁଁ ବେଶ୍ ଉତ୍ସାହିତ ଅଛି । ଏବର୍ଷ ମୁଁ ପ୍ରଥମ ଥର ମତଦାନ ସାବ୍ୟସ୍ତ କରିବି । ଜଣେ ଶିକ୍ଷିତ ଭୋଟର ଭାବେ ମୁଁ ପ୍ରାର୍ଥୀକୁ ଗୁରୁତ୍ୱ ଦେବି । ଯେଉଁ ପ୍ରାର୍ଥୀ ସମାଜ କଥା ଚିନ୍ତା କରି ନିଜ ଅଞ୍ଚଳର ବିକାଶ କରିବା ସହିତ ଲୋକଙ୍କ ସେବା କରିବା ପାଇଁ ତାଙ୍କ ପାଖରେ ପହଞ୍ଚିପାରିବ ସେହିଭଳି ପ୍ରାର୍ଥୀଙ୍କୁ ମୁଁ ଚୟନ କରିବି । ଉଚିତ୍ ପ୍ରାର୍ଥୀଙ୍କୁ ମତଦାନ କଲେ ସମାଜର ପରିବର୍ତ୍ତନ ନିଶ୍ଚୟ ଆଣିପାରିବେ । ଦେଶର ଭବିଷ୍ୟତ ପାଇଁ ସମସ୍ତେ ବୁଝି ବିଚାରି ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ନିହାତି ଆବଶ୍ୟକ । ତେଣୁ ଯୁବ ଭୋଟର ହିସାବରେ ମୁଁ ଉଚିତ୍ ପ୍ରାର୍ଥୀ ଉପରେ ଧ୍ୟାନ ଦେଇ ଚୟନ କରିବି ।

-ମୁକେଶ ଦଳାଇ



ପ୍ରତ୍ୟେକ ନାଗରିକଙ୍କୁ ଭୋଟ୍ ଦେବାର ଏକ ମୁଖ୍ୟ କାରଣ ହେଉଛି ସମ୍ପ୍ରଦାୟ ଏବଂ ସମାଜ ପାଇଁ ଧାରଣ କରିଥିବା ପରିବର୍ତ୍ତନଶୀଳ ସାମର୍ଥ୍ୟ । ମତଦାନ ବ୍ୟକ୍ତିବିଶେଷଙ୍କୁ ନେତା ବାଛିବା ପାଇଁ ଅନୁମତି ଦିଏ ଯେଉଁମାନେ ସେମାନଙ୍କର ବିଶ୍ୱାସ ଏବଂ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରନ୍ତି । ଏହା କରିବା ଦ୍ୱାରା ନାଗରିକମାନେ ନିଶ୍ଚିତ କରିପାରିବେ ଯେ ସେମାନଙ୍କର ସ୍ୱର ଶୁଣାଯାଏ ଏବଂ ନୀତିଗୁଡ଼ିକ ଜନସଂଖ୍ୟାର ବିଭିନ୍ନ ଆବଶ୍ୟକତା ଏବଂ ଆକାଂକ୍ଷାକୁ ପ୍ରତିଫଳିତ କରିଥାଏ । ଭୋଟ୍ ଦେଇ ନାଗରିକମାନେ ନିଜ ଦେଶର ଭବିଷ୍ୟତରେ ଏକ ସକ୍ରିୟ ଅବଦାନ କରିପାରିବେ ।

-ଭାଗ୍ୟଶ୍ରୀ ଦେ



ବିନ୍ଦୁ ବିନ୍ଦୁ ମିଶି ସିନ୍ଧୁ ହେଲା ପରି ପ୍ରତିଟି ଭୋଟର ସେମାନଙ୍କର ମତଦାନ କରିବା ନିହାତି ଆବଶ୍ୟକ, ଯାହାକି ଆମର ସାମ୍ବିଧାନିକ ଅଧିକାର । ଶତାବ୍ଦୀର ସଶକ୍ତ ଭାରତ ଏବଂ ଶ୍ରେଷ୍ଠ ଓଡ଼ିଶାର ଗଠନ ପାଇଁ ମୁଁ ଚଳିତ ଥର ଭୋଟ ଦେବାକୁ ଯିବି । ସେହିପରି ଧାନ, ପାନ, ମୀନ ଓ ପର୍ଯ୍ୟଟନର ଜିଲ୍ଲା ବାଲେଶ୍ୱରକୁ ଶ୍ରେଷ୍ଠ ଜିଲ୍ଲା ରୂପେ ଗଢି ତୋଳିବା ପାଇଁ ଯେଉଁ ଦକ୍ଷ, ଯୋଗ୍ୟ ଏବଂ ଜନ ସାଧାରଣଙ୍କ ମଧ୍ୟରେ ରହି ଅଭିଯୋଗକୁ ଶୁଣି ସେମାନଙ୍କ ସ୍ୱରକୁ ଗଣତନ୍ତ୍ରର ମନ୍ଦିରରେ ଉପସ୍ଥାପନା ପୂର୍ବକ ସର୍ବାଙ୍ଗୀନ ବିକାଶ କରିପାରିବେ ।

-ନେତାଜୀ ତାପସ କୁମାର ସାହୁ



ସମସ୍ତଙ୍କୁ ନିବେଦନ କରିବି କି ଏହି ନିର୍ବାଚନ ପର୍ବରେ ଯୋଗଦେଇ ନିଜର ଭୋଟ ଦେବାର ଅଧିକାର କୁ ସାବ୍ୟସ୍ତ କରନ୍ତୁ । ମୋ ହିସାବରେ ଜଣେ ଭୋଟର ନିଜର ଭୋଟ ଜଣେ ସ୍ୱଚ୍ଛ, ନିରପକ୍ଷ ଏବଂ ସବୁସମୟରେ ଯୋଡ଼ି ରହି ଲୋକଙ୍କ ସୁଖ ସୁବିଧା ଏବଂ ଶିକ୍ଷାର ଗୁଣାତ୍ମକମାନ ମୂଲ୍ୟର ଯେ ବୁଝିପାରୁଥିବ ଏବଂ ଆଦର୍ଶ ଶାସନ ପାଇଁ ପ୍ରତିଟି ନାଗରିକ ପାଖରେ ପହଞ୍ଚି ପାରୁଥିବ ତତ୍ ସହିତ ସବୁବେଳେ ବିକାଶ ପାଇଁ ଉଦ୍ୟମ କରୁଥିବ ସେହିଭଳି ପ୍ରାର୍ଥୀକୁ ଯୋଗ୍ୟ ବିବେଚିତ କରିବା ଉଚିତ୍ । ତେଣୁ ମୁଁ ବେଶ୍ ଉତ୍ସାହିତ ଯେ ଜଣେ ସଚେତନ ନାଗରିକ ହିସାବରେ ମୁଁ ଜଣେ ଯୋଗ୍ୟ ବ୍ୟକ୍ତିକୁ ଗୁରୁତ୍ୱ ଦେବି ।

-କିଶୋର ଚନ୍ଦ୍ର ନାୟକ



ପ୍ରାର୍ଥୀଙ୍କ ନୀତି, ପରିକଳ୍ପନା ଏବଂ ଆଦର୍ଶକୁ ବିଶ୍ଲେଷଣ କରି, ସୁଶାସନ, ଉନ୍ନତି, ନ୍ୟାୟ ଏବଂ ସମାଜିକ ସମତା ପ୍ରଦାନ କରିପାରିବାକୁ ଯେଉଁ ଦଳ ବା ପ୍ରାର୍ଥୀ କ୍ଷମ, ସେମାନଙ୍କୁ ଭୋଟ ଦିଆଯିବା ଉଚିତ । ଏହା ଆମର ମୁଲ୍ୟବାନ ଅଧିକାର ଓ ଲୋକତାନ୍ତ୍ରିକ ଭବିଷ୍ୟତ୍ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଭୋଟ ସେହି ଜଣଙ୍କୁ ଦିଅନ୍ତୁ ଯେଉଁମାନେ ଆପଣଙ୍କର ସମସ୍ୟା ନିରାକରଣ ଏବଂ ସମାଜ ଉନ୍ନତି ନିଶ୍ଚିତ କରିବେ । ଏହା ପାଇଁ ଭୋଟ ଦେଇ ନିଜର ମତାମତ ବ୍ୟକ୍ତ କରିବା, ଏକ ନ୍ୟାୟସଙ୍ଗତ ସରକାର ଗଢ଼ିବା ଏବଂ ଆମ ଅଧିକାର ସୁରକ୍ଷିତ କରିବା ।

-ରିତୁଲ ବିଶ୍ୱାଳ



ମୁଁ ପ୍ରଥମ ଥର ପାଇଁ ଏହି ମହାନ ପର୍ବ ନିର୍ବାଚନରେ ଭୋଟ ଦେବି । ସେଥିପାଇଁ ମୁଁ ଉତ୍ସାହିତ ଅଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏ ଦିଗରେ ଯେତେ ସମ୍ଭବ ଉତ୍ସାହିତ କରୁଛି । ନିଶ୍ଚିତ ଭାବେ ଜଣେ ଉପଯୁକ୍ତ ପ୍ରାର୍ଥୀ ଯିଏ ରାଷ୍ଟ୍ରହିତରେ କାମ କରିବ ଏବଂ ଆମର ଅଞ୍ଚଳକୁ ବିକଶିତ କରିବାରେ ସହାୟକ ହେବ, ତାଙ୍କୁ ହିଁ ମୋର ଭୋଟ ଯିବ । ଏହା ସହିତ ସମସ୍ତଙ୍କୁ ମୋର ନିବେଦନ ଛୁଟିରେ ଘରେ ନ ରହିଯାଇ ନିଜର ମତାଧିକାର ସାବ୍ୟସ୍ତ କରନ୍ତୁ । ମୋର ଲକ୍ଷ୍ୟ 'ରାଷ୍ଟ୍ର ହିତ ସର୍ବୋପରି' ଏହି ଦିଗରେ ଯୁବପିଢ଼ି ମତଦାନ ପାଇଁ ଆଗେଇ ଆସନ୍ତୁ ।

-ରୋହିତ କୁମାର ପାଢ଼ୀ



ମୁଁ ପ୍ରଥମ ଥର ପାଇଁ ମୋର ମତ ସାବ୍ୟସ୍ତ କରିବାକୁ ଯାଉଥିବାରୁ ଗର୍ବ ଅନୁଭବ କରୁଛି । ଏହି ଭୋଟ ଦ୍ୱାରା ସୁଦୃଢ଼ ଭାରତ, ସଶକ୍ତ ଓଡ଼ିଶା ଏବଂ ସମୃଦ୍ଧ ବାଲେଶ୍ୱରର ନିର୍ମାଣ ହୋଇପାରିବ । ଯାହାକି ମୋର ସ୍ୱପ୍ନ । ତେଣୁ ସମସ୍ତଙ୍କୁ ଅନୁରୋଧ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଭୋଟ ଗ୍ରହଣ ଦିନ ନିଶ୍ଚିତ ଭାବେ ଭୋଟ ଦିଅନ୍ତୁ ଏବଂ କାହା କଥାରେ ପ୍ରଭାବିତ ନହୋଇ ଯୋଗ୍ୟ, ଦକ୍ଷ ଏବଂ ଆପଣଙ୍କ କଥାକୁ ଗଣତନ୍ତ୍ରର ମନ୍ଦିରରେ କହି ନ୍ୟାୟ ଦେଇପାରୁଥିବା ନେତାଙ୍କୁ ହିଁ ନିର୍ବାଚିତ କରନ୍ତୁ ।

-ଶୁଭଶ୍ରୀ ଜୀ



ଗଣତନ୍ତ୍ରର ଏହି ମହାନ ପର୍ବରେ ମୋର ପ୍ରଥମ ଭୋଟ ବିକଶିତ ବାଲେଶ୍ୱର ପାଇଁ । ଓଡ଼ିଶାର ଶ୍ରେଷ୍ଠ ଜିଲ୍ଲା ରୂପେ ବାଲେଶ୍ୱରକୁ ଗଢି ତୋଳିବା ପାଇଁ ନିଜର ଇସ୍ତାହାରରେ ଯେଉଁ ପ୍ରାର୍ଥୀ ରଖିଥିବେ ଏବଂ କାମରେ କରି ଦେଖାଇବେ, ସେହିପରି ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି ।

-ଅନନ୍ୟା ପ୍ରଧାନ



ମୁଁ ଚଳିତ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ମତଦାନ କରିବାର ସୁଯୋଗ ପାଇଛି । ଯୁବ ଭୋଟରଙ୍କ ଉପରେ ସମସ୍ତ ଦଳର ନଜର । ସେମାନେ ଚାହିଁଲେ ଉପଯୁକ୍ତ ପ୍ରାର୍ଥୀଙ୍କୁ ମତଦାନ କରି ସମାଜର ପରିବର୍ତ୍ତନ ଆଣିପାରିବେ । ସଠିକ୍ ପ୍ରାର୍ଥୀ ଚୟନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେବା ଆବଶ୍ୟକ । ଦେଶର ଭବିଷ୍ୟତ ପାଇଁ ସମସ୍ତେ ବୁଝି ବିଚାରି ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବା ଆବଶ୍ୟକ ।

-ଶୁଭମ ପ୍ରଧାନ

# ଉତ୍ତର ଓଡ଼ିଶାରେ 'ନିଷ୍ଟ'ର ଯୁକ୍ତ ଦୁଇ ବିଜ୍ଞାନ ଓ କଳାରେ ବଡ଼ ସଫଳତା

**ବାଲେଶ୍ୱର, ୨୭।୫(ସମିସ):** ଉତ୍ତର ଓଡ଼ିଶାର ବାଲେଶ୍ୱର ନିଷ୍ଟ ହାୟର ସେକେଣ୍ଡାରୀ ସ୍କୁଲକୁ ଏବର୍ଷ ପୁଣି ବଡ଼ ସଫଳତା ମିଳିଛି । ଚାନ୍ଦିପୁର ରୋଡ୍ ହିଡ଼ିଗାଁରେ ଅବସ୍ଥିତ ନିଷ୍ଟ +୨ ବିଜ୍ଞାନରେ ପିଲାମାନେ ବାଜିମାତ କରିଛନ୍ତି । ଦୀର୍ଘ ୩୦ ବର୍ଷ ଧରି ସର୍ବଭାରତୀୟ ସ୍ତରରେ ଇଞ୍ଜିନିୟରିଂ, ମେଡିକାଲରେ ବାଲେଶ୍ୱରକୁ ସଫଳତା ଦେଇଥିବା ଅଭିଜ୍ଞ ଅଧ୍ୟାପକଙ୍କ ଦ୍ୱାରା ପ୍ରତିଷ୍ଠିତ ନିଷ୍ଟ ମହାବିଦ୍ୟାଳୟରେ ପିଲାମାନେ ମାଟ୍ରିକରେ ୮୩ ପ୍ରତିଶତ ରଖିଥିବାବେଳେ +୨ ବିଜ୍ଞାନରେ ୯୩ ପ୍ରତିଶତ ରଖି ବଡ଼ ସଫଳତା ମିଳିଛି । ଆଗାମୀ ଦିନରେ ଏ ପିଲାମାନେ ଡାକ୍ତର ହୋଇ ବାଲେଶ୍ୱର ଜିଲ୍ଲାରେ ଗରିବ ଲୋକମାନଙ୍କର ସେବା କରିବେ ବୋଲି କହିଛନ୍ତି । ଅନୁଷ୍ଠାନ ତରଫରୁ ପିଲାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ସଭାକୁ କଲେଜର ଅଧ୍ୟକ୍ଷ ହରିହର ରାଉତ ପରିଚାଳନା କରିଥିଲେ । ବିଶେଷକରି ଆଲୋକ ବାରିକ ମାଟ୍ରିକରେ ୫୦୧ ରଖିଥିଲା ବେଳେ +୨ ବିଜ୍ଞାନରେ ୫୫୭ ମାର୍କ ଓ ନିହାର ରଞ୍ଜନ ବାରିକ ମାଟ୍ରିକରେ ୫୧୭ ରଖିଥିଲା ବେଳେ +୨ ବିଜ୍ଞାନ ରେ ୫୫୪ ରଖିଛନ୍ତି । ସେମିତି ଝିଅ ରଶ୍ମିତା ଦ୍ୱାରୀ ୫୫୬ ମାର୍କ ରଖିଛନ୍ତି । ମହାପ୍ରସାଦ ମିଶ୍ର ମାଟ୍ରିକରେ ୨୬୩ ରଖିଥିଲା ବେଳେ +୨ ବିଜ୍ଞାନରେ ୪୫୬ ମାର୍କ ରଖିଛନ୍ତି । +୨ କଳାରେ ମିନାକ୍ଷୀ ଦାସ ୫୧୫ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି ଏବଂ ୨୬ ଜଣ ପ୍ରଥମ ଶ୍ରେଣୀରେ ଉନ୍ନୀତ ହୋଇଛନ୍ତି । +୨ ବିଜ୍ଞାନରେ ୩୬୦ଜଣ ପ୍ରଥମ ଶ୍ରେଣୀରେ ଉନ୍ନୀତ ହୋଇଛନ୍ତି । ପ୍ରତ୍ୟେକ ବର୍ଷ ମହାବିଦ୍ୟାଳୟରୁ ମେଡିକାଲ ଓ ଇଞ୍ଜିନିୟରିଂରେ ବହୁତ ସଫଳତା ମିଳୁଛି । ଏକମାତ୍ର ଅନୁଷ୍ଠାନ ଯିଏକି ମାର୍କ ପଛରେ ନ ପଡ଼ି ପିଲାମାନଙ୍କୁ ସର୍ବଭାରତୀୟସ୍ତରରେ ହେଉଥିବା ପ୍ରତିଯୋଗିତାରେ ସଫଳତା ହାସଲ ପାଇଁ ପ୍ରଥମରୁ ଇଣ୍ଟିଗ୍ରେଟେଡ୍ ଶିକ୍ଷା ପ୍ରଦାନ କରାଯାଏ । କାର୍ଯ୍ୟକ୍ରମକୁ ସଦାଶିବ ଜେନା, ଅଜିତ କୁମାର ସାହୁ, ମନୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ ।



# ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଶୁଭମ୍ ମନୋନୀତ



ବାଲେଶ୍ୱର, ୨୭।୫(ସମିସ): ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଚିଠି ମାଧ୍ୟମରେ ବାଲେଶ୍ୱରର ଯୁବନେତା ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ସଭାପତି ଶୁଭମ ସାଇ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି । ନୂତନ ଦଳୀୟ ନିଯୁକ୍ତି ପରେ ଏହି ଭଳି ଗୁରୁ ଦାୟିତ୍ୱ ପାଇଁ ଯୋଗ୍ୟ ମନେ କରିଥିବାରୁ ଶୁଭମ ସାଇ ମହାପାତ୍ର ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିଜର ଦାୟିତ୍ୱକୁ ସୁଚାରୁ ରୂପେ ପାଳନ କରିବା ସହ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ସଶକ୍ତିକରଣ ନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ନେଇ ନିରନ୍ତର କାର୍ଯ୍ୟ କରିବା ସହିତ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଢ଼ିବା ପାଇଁ ଆଗେଇବେ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ।

# ସ୍ୱସ୍ତିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ବାଲେଶ୍ୱର, ୨୭।୫(ସମିସ): ମାକଲପୁର ସ୍ଥିତ ସ୍ୱସ୍ତିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ, କଳା ଓ ବାଣିଜ୍ୟରେ ପାସହାର ଶତପ୍ରତିଶତ ରହିଛି । ବିଜ୍ଞାନରେ ମୋଟ୍ ୯୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଟପ୍ପର ଆର୍ଯ୍ୟନ୍ ଅଲ୍ଲୀ ଖାଁ ୫୫୨ ନମ୍ବର ରଖିବା ସହ ୬ ଜଣ ୫୦୦ ନମ୍ବରରୁ ଅଧିକ ରଖିଛନ୍ତି । ଏହା ସହିତ ୮୪ ଜଣ ପ୍ରଥମ ଶ୍ରେଣୀ, ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବାଣିଜ୍ୟରେ ପରୀକ୍ଷା ଦେଇଥିବା ମୋଟ ୩୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଟପ୍ପର ବିଶ୍ୱଜିତ ସାହୁ ୫୫୭ ନମ୍ବର ସମେତ ୮ ଜଣ ୫୦୦ ରୁ ଅଧିକ ନମ୍ବର ରଖିବା ସହ ୩୧ ଜଣ ପ୍ରଥମ ଶ୍ରେଣୀ, ୩ ଜଣ ୨ୟ ଶ୍ରେଣୀ, ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି କଳାରେ ପରୀକ୍ଷା ଦେଇଥିବା ମୋଟ ୩୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଟପ୍ପର ଦୀପସା ତ୍ରିପାଠୀ ୫୩୬ ମାର୍କ ଓ ୬ ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି । ଏଥିସହ ୩୦ ଜଣ ପ୍ରଥମ ଶ୍ରେଣୀ ଓ ୬ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ନାୟକ, ନିର୍ଦ୍ଦେଶକ ବାଦଲ କୁମାର ପ୍ରଧାନ, ସମ୍ପାଦକ ମନୋରଞ୍ଜନ ପଲେଇ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୨୦୧୫ ମସିହାରୁ ସ୍ଥାପିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହେବା ସହ ଅଳ୍ପ ଦିନ ମଧ୍ୟରେ ବାଲେଶ୍ୱର ସହରରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ସୁନାମ ଅର୍ଜନ କରିପାରିଛି ।

## ବିଜୁ ଜନତା ଦଳର ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ସମ୍ମିଳନୀ

# ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଆହ୍ୱାନ

**ବାଲେଶ୍ୱର, ୨୭।୫(ସମିସ)**




ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ଆଇନଜୀବୀ ସାମୁଖ୍ୟ ବାଲେଶ୍ୱର ଶାଖା ପକ୍ଷରୁ ଏକ ଆଇନଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମୁଖ୍ୟର ରାଜ୍ୟ ସଭାପତି ମିଲନ କାନୁନଗୋ, ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର, ସଦର ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ହାଜି ଆୟୁବ ଅଲ୍ଲୀ ଖାଁ, ବିଜେଡି ଆଇନଜୀବୀ ସାମୁଖ୍ୟ ରାଜ୍ୟ ଉପସଭାପତି ବଂଶୀଧର ଶତପଥୀ, ରାଜ୍ୟ ବାର କାଉନସିଲ ଉପସଭାପତି ରାଜୀବ ମହାନ୍ତି, ସାମୁଖ୍ୟର କ୍ଷେତ୍ରୀୟ ସଭାପତି ସଞ୍ଜୟ ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଆଇନଜୀବୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଆଇନଜୀବୀଙ୍କୁ ସାମିଲ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିବା ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ସାମନ୍ତସିଂହାର ସୂଚନା ଦେଇଥିଲେ । ସେହିପରି ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ୧୦କୋଟି ଟଙ୍କାକୁ ୧୫କୋଟି ଟଙ୍କାକୁ ବୃଦ୍ଧି ପାଇଁ ସେମାନଙ୍କ ଦୀର୍ଘ ଦିନର ଦାବିକୁ ରାଜ୍ୟସରକାରଙ୍କ ସମେତ ବିଜୁ ଜନତା ଦଳର ରାଜ୍ୟ ନେତୃତ୍ୱଙ୍କ ନିକଟରେ ଉପସ୍ଥାପିତ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଆଇନ ସାମୁଖ୍ୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାଧାରଣ ଗରିବ ଲୋକଙ୍କୁ ନ୍ୟାୟ ପାଇବାରେ ନିରନ୍ତର ଉଦ୍ୟମ କରୁଥିବା ବିଧାୟକ ଶ୍ରୀ ଦାସ କହିଥିଲେ । ଏଣୁ ନବୀନ ବାବୁଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇ ସମଗ୍ର ଦେଶରେ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଥିବା ବ୍ୟକ୍ତିତ୍ୱ ଭାବେ ରେକର୍ଡ ସ୍ଥାପନରେ ସହଯୋଗ ପ୍ରଦାନ ପାଇଁ ଶ୍ରୀ ଦାସ ସମସ୍ତ ଆଇନଜୀବୀଙ୍କୁ ନିବେଦନ କରିଥିଲେ । ବିଜେଡି ଆଇନ ସାମୁଖ୍ୟ ବାଲେଶ୍ୱର ଜିଲ୍ଲା ସଭାପତି ସୂର୍ଯ୍ୟକାନ୍ତ କର ଏଥିରେ ସଭାପତିତ୍ୱ କରିବା ସହିତ ଆସନ୍ତା ୧ତାରିଖ ନିଜେ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବା ସହିତ ପ୍ରତ୍ୟେକ ଆଇନଜୀବୀ ସେମାନଙ୍କ ମୋହକିଲମାନଙ୍କୁ ମଧ୍ୟ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶେଷରେ ମହମ୍ମଦ ଇସଲାମ ଧନ୍ୟବାଦ ଦେଇଥିଲେ । ସାମୁଖ୍ୟର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବହୁ ଆଇନଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁ ଜନତା ଦଳ ପ୍ରତି ସମର୍ଥନ ଜଣାଇଥିଲେ ।

## ଲୋକସେବା ଆୟୋଗରେ ମୋନାଲିଙ୍କ ସଫଳତା



**ଆନନ୍ଦପୁର,୨୭।୫(ସମିସ):** ଓଡିଶା ଲୋକସେବା ଆୟୋଗ ଓଡିଏସ୍‌ସି ଆୟୁର୍ବେଦ ମେଡିକାଲ ପରୀକ୍ଷାରେ ୩୩ ନଂ. ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ଘସିପୁରା ଗ୍ରାମର ମୋନାଲି ପ୍ରାଚୀପ୍ରଭା ସାହୁ। ମୋନାଲି ୨୦୨୩ ସର୍ବଭାରତୀୟ ଆୟୁଷ ପୋଷ୍ଟ ଗ୍ରାଜୁଏଟ ଏଣ୍ଟ୍ରାନ୍ସ ଟେଷ୍ଟରେ ଅଲ୍‌ଓଡ଼ିଶା ଜେନେରାଲ ର୍‌ୟାଙ୍କରେ ଚୟନ ହୋଇ ବର୍ତ୍ତମାନ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ରଶଶାସ୍ତ୍ରରେ ସ୍ନାତକୋତର ଶିକ୍ଷା ଜାରି ରଖିଛନ୍ତି। ତାଙ୍କର ଦୃଢ ମନୋବଳ ଓ କଠୋର ପରିଶ୍ରମ ଏବଂ ଗୁରୁଜନଙ୍କ ଆଶୀର୍ବାଦ ତାଙ୍କୁ ସଫଳତା ଆଣି ଦେଇଥିବା ସେ କହିଛନ୍ତି। ମୋନାଲି ଘସିପୁରା ଗ୍ରାମର ଶିକ୍ଷୟିତ୍ରୀ ଜାନକୀ ସାହୁ ଓ ଶ୍ରୀଧର ସାହୁଙ୍କ ବଡ଼ ଝିଅ ଅଟନ୍ତି।

## ବ୍ଲକ ଟପ୍ପର ଆୟୁଷଙ୍କୁ ଶୁଭେଚ୍ଛାର ସୁଅ



**ରାମଚନ୍ଦ୍ରପୁର,୨୭।୫(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଘଷିପୁରା ବ୍ଲକ ସାଇଁକୁଳ ସ୍ଥିତ ନେହେରୁ ହାଇସ୍କୁଲର ଛାତ୍ର ଆୟୁଷ ଚକ୍ର ଏ-୧ ଗ୍ରେଡରେ (୫୫୫) ନମ୍ବର ରଖି ବ୍ଲକ ଟପ୍ପର ହେବାରେ ଗୌରବ ଅର୍ଜନ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶନ ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସମେତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବଷ୍ୟତ ମଙ୍ଗଳ କାମନା କରିଛନ୍ତି। ଆୟୁଷ ସ୍ଥାନୀୟ ସାଇଁକୁଳ ଗ୍ରାମର ନିର୍ମଳକୁମାର ଚକ୍ର ଏବଂ ମଧୁମିତା ଚକ୍ରଙ୍କ ପୁତ୍ର ଅଟନ୍ତି। ସେ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଭବିଷ୍ୟତରେ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ଅଳତି ବେଲସୁନ୍ଦରୀରେ ମାତିଛି ପାଗଳା କୁକୁର



**ରାମଚନ୍ଦ୍ରପୁର,୨୭।୫(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଓ ବେଲସୁନ୍ଦରୀ ଗ୍ରାମରେ ମାତିଛି ପାଗଳା କୁକୁର। ଦୁଇ ଦିନରେ ଦୁଇ ଜଣକୁ କାମୁଡି କ୍ଷତାକ୍ତ କରିଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା କଥା କୁକୁର ଟି ଲୋକଙ୍କୁ କାମୁଡି ଘଟଣା ସ୍ଥଳରୁ ନିମିଷକେ ଚମ୍ପଟ ମାରୁଛି। କୁକୁର କାମୁଡ଼ାରେ ଆହାତ ହୋଇଥିବା ବ୍ୟକ୍ତି ମାନେ ହେଲେ ସ୍ଥାନୀୟ ବେଲସୁନ୍ଦରୀ ଗ୍ରାମର ଚୈତନ ମଲ୍ଲିକ(୬୩) ଏବଂ ଅଳତି ଗ୍ରାମର ହଳଧର ସେଠୀ (୬୧)ବୋଲି ଜଣାପାଡିଛି। ଉଭୟଙ୍କୁ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### କୁଆପଶି ରାଇସ୍ ମିଲ୍ ଘେରିଲେ ଗ୍ରାମବାସୀ

## ବିଷାକ୍ତ ପାଣି ପିଇ ୩୦ରୁ ଊର୍ଦ୍ଧ୍ୱ ଗୋରୁଗାଈ ମୃତ



**ତୁରୁମୁଙ୍ଗା,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୁଆପଶି ଗ୍ରାମରେ ଥିବା ନାରାୟଣୀ ରାଇସ ମିଲ ଘେରିଲେ ଗ୍ରାମବାସୀ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ରାଇସମିଲରୁ ନିର୍ଗତ ହୋଉଥିବା ବିଷାକ୍ତ ବର୍ଜ୍ୟବସ୍ତୁ ପାଣି ପିଇ ଗ୍ରାମର ୩୦ରୁ ଉର୍ଦ୍ଧ ଗୋରୁଙ୍କ ମୃତ୍ୟୁ ପରେ ତାତିଛନ୍ତି କ୍ଷତିଗ୍ରସ୍ତ। ସୋମବାର ସକାଳେ ତୁରନ୍ତ ରାଇସମିଲ ବନ୍ଦ ଦାବିରେ ମିଲର ଫାଟକ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଧାରଣା ଦେଇ ନାରାବାଜି କରିଛନ୍ତି। ରାଇସ୍ ମିଲ୍‌ରୁ ବାହାରୁ ଥିବା ବିଷାକ୍ତ ବର୍ଜ୍ୟବସ୍ତୁ ପାଣି ବାହାରକୁ ନିଷ୍କାସନ କରୁଥିବା ଯୋଗୁଁ ଅନେକ ଗଛ ମରିଯିବା ସହ ପୋଖରୀର ମାଛ ମରି ଯାଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଥି ସହ ଜମିହରା ଲୋକଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଜମି ନେବା ପରେ ଚାକିରି ଦେଇ ନଥିବାରୁ ଗ୍ରାମବାସୀ ଅଭିଯୋଗ ଆଣି ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁସାରେ ମିଲ୍ ମାଲିକ ତଞ୍ଚକତା କରି ଜଣେ ବୃଦ୍ଧାଙ୍କ ଜମି ଜବର ଦଖଲ କରିଛି। ଆଗାମୀ ଦିନରେ ଏସବୁ ଦାବି ମିଲ ମାଲିକ ପୂରଣ ନକଲେ ମିଲ ଗେଟ୍‌ରେ ତାଲା ପକାଇ ମିଲ୍‌କୁ ବନ୍ଦ କରିଦିଆଯିବ ବୋଲି କ୍ଷତିଗ୍ରସ୍ତ ଯୁଧିଷ୍ଠିର ମହାନ୍ତ, ଟିକିଲି ମହାନ୍ତ, କୁନୀ ମୁଣ୍ଡା, ଟୁନୁରାମ ମହାନ୍ତ ଚେତାବନୀ ଦେଇଛନ୍ତି। ମିଲ୍ ଫାଟକ ସମ୍ମୁଖରେ କ୍ଷତିଗ୍ରସ୍ତ ଧାରଣା ଦେଇଥିବାରୁ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଏନେଇ ମିଲ୍ ମାଲିକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ମିଲ୍‌ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁଆପଶି ଗ୍ରାମର କ୍ଷତିଗ୍ରସ୍ତ ଗ୍ରାମବାସୀ ଦାବି କରିଛନ୍ତି।

## ଗୋଠଛଡ଼ା ଦନ୍ତା ଭାଙ୍ଗିଲା ଘର

**ତୁରୁମୁଙ୍ଗା, ୨୭।୫ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଦୁଇଦିନ ହେବ ୪ ଟିକିଆ ହାତୀପଲ ଉପଦ୍ରବ ଚଳାଇଥିବା ବେଳେ ରବିବାର ରାତିରେ ଏକ ଗୋଠଛଡ଼ା ଦନ୍ତା ହାତୀ କଣ୍ଟିଆପଡା ଖମଣଗୁଡା ସାହିର କାର୍ତ୍ତିକ ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ପରିବାର ଲୋକେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏବେ ଗୋଠଛଡା ଦନ୍ତା କଣ୍ଟିଆପଡା ନିକଟ ଧରମ ଘାଟି ହୁଡ଼ିରେ ଡେରା ପକାଇଛି। ଗାଁ ନିକଟର ହାତୀ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି ବନ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଛି।

## ଆତଙ୍କ ଖେଳାଇଥିବା ପୋଷା କୁକୁରର ମୃତ୍ୟୁ

**ରାମଚନ୍ଦ୍ରପୁର,୨୭।୫(ସମିସ):** ଘରେ ପୋଷିଥିବା ଏକ କୁକୁର ଗତ କିଛି ଦିନ ହେଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କଇଁସିଆରୀ ଗାଁରେ ଆତଙ୍କ ଖେଳାଇବା ପରେ କୁକୁରଟି ଆଜି ସକାଳୁ ଘର ପଛପଟେ ମରିପଡିଥିବା ଦେଖିବାକୁ ମିଳିଛି। ଗ୍ରାମର ପ୍ରଦୀପ କୁମାର ନାଥ ଦୀର୍ଘ ୩ ବର୍ଷ ହେଲା ଜର୍ମାନ ସଫର ପ୍ରଜାତିର ଏକ ବିଦେଶୀ କୁକୁର ପୋଷିଥିଲେ। କିନ୍ତୁ କିଛି ଦିନ ହେଲେ କୁକୁରର ଚାଲି ଚଳନ ଏବଂ କ୍ରିୟା କଳାପରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯିବା ସହ କୁକୁରଟି ଲୋକଙ୍କୁ ଦେଖିଲେ କାମୁଡି ଗୋଡାଉଥିଲା। ସୌଭାଗ୍ୟ ବସତଃ କୁକୁର ଆକ୍ରମଣରୁ ଅନେକ ଅଳ୍ପକେ ବର୍ତ୍ତି ଯାଇଥିଲେ। କୁକୁର ବେକରେ ଚେନ ଲାଗିଥିଲେ ମଧ୍ୟ ତାକୁ ବାନ୍ଧି ରଖିବାକୁ ପରିବାର ଲୋକ କିମ୍ବା ଗ୍ରାମବାସୀ ସାହସ ଜୁଟାଇ ପାରୁନଥିଲେ। ଶେଷରେ କୁକୁରକୁ ଆୟତ କରିବାକୁ ବନବିଭାଗର ସହାୟତା ଲୋଡିଥିଲେ। ହେଲେ ଆଜି ସକାଳୁ କୁକୁରଟି ପ୍ରଦୀପଙ୍କ ଘର ପଛ ପଟେ ମରିପଡିଥିବା ଦେଖିବାକୁ ମିଳିବା ପରେ ଲୋକଙ୍କ ମନରୁ ଭୟର ବାତାବରଣ ହଟିଥିବା ଲୋକେ କହିଛନ୍ତି।



## ଝାଡ଼େଶ୍ୱର ମହେଶଙ୍କ ବିବାହ ଲଗ୍ନ ସ୍ଥିର



**ଆନନ୍ଦପୁର ୨୭।୫(ସମିସ):** ଆସନ୍ତା ଜୁନ୍ ୧୦ ତାରିଖରେ ପାଳିତ ହେବାକୁ ଥିବା ପବିତ୍ର ଶୀତଳଷଷ୍ଠୀ ଉତ୍ସବ ପାଇଁ ଆଜି ଶ୍ରୀଝାଡେଶ୍ୱରଙ୍କ ଶୁଭ ବିବାହ ଲଗ୍ନ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକ କୃଷ୍ଣଚନ୍ଦ୍ର ଶତପଥୀ, ସୁଦାମ ପଣ୍ଡା, ସୁରେଶ ମିଶ୍ର, ସନ୍ତୋଷ ପଣ୍ଡା ଯଥା ରୀତିନୀତିରେ ଏହି ଦିବ୍ୟକର୍ମ ସମ୍ପାଦନ କରିଥିଲେ। ଆଜି ସକାଳୁ ମନ୍ଦିରରେ ଶୁଭକଳସ ସ୍ଥାପନ ପରେ ବେଦପାଠ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ଓ ବିଶ୍ୱଶାନ୍ତି ମହାଯଜ୍ଞ କମିଟି କର୍ମକର୍ତ୍ତାଙ୍କ ତତ୍ୱାବଧାନରେ ଏହି ଲଗ୍ନ କାର୍ଯ୍ୟକ୍ରମରେ ବର ପିତା ଭାବେ ରଘୁନାଥ ପାଢୀ ଏବଂ କନ୍ୟା ପିତା ଭାବେ କିଶୋର ରଥ ସଂକଳ୍ପ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ଗୀତାରାଣୀ ସାହୁ, ରୀନାରାଣୀ ସାହୁ, ଗୀତାଞ୍ଜଳି ସାହୁ, ଝୁମାରାଣୀ ସାହୁ, ସୁଭଦ୍ରା ସାହୁ, ଯଶୋଦା ସାହୁ, ଉମା ସାହୁ, ସତ୍ୟଭାମା ସାହୁ, ଗୋଲାପ ପଣ୍ଡା, ରୁକ୍ମଣୀ ଶତପଥୀ, ଲକ୍ଷ୍ମୀପ୍ରିୟା ପାଢୀ, ବାସନ୍ତୀ ମହାରଣା, ମାଳତୀ ସାହୁ, କାଜଲ ମିଶ୍ର , ପ୍ରଫୁଲ୍ଲ ସାହୁ, ଟୁକୁନୁ ସା, ଚକ୍ରଧର ସାହୁ, ଦୀନକୃଷ୍ଣ ସାହୁ, ବାବୁଲି ବେହେରା, ଗୌତମ ସାହୁ, ଭାବଗ୍ରାହୀ ସାହୁ, କାଳିଆ ଦାଶ, ସୁବାଷ ମହାନ୍ତି, ଭୀମ ସାହୁ, ପଙ୍କଜ ସାହୁ, ବୁଧଦେବ ସାହୁ, ଜଳଧର ସାହୁ, ନେପାଳୀ ସାହୁ, ହଳଧର ସାହୁ, କୈଳାସ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଚାନ୍ଦବାଲି ପର୍ଯ୍ୟବେକ୍ଷକ ଦାୟିତ୍ୱ ନେଲେ ଦେବପ୍ରିୟ ଓ ରାକେଶ

**ଆନନ୍ଦପୁର, ୨୭।୫(ସମିସ):** ଚତୁର୍ଥ ପର୍ଯ୍ୟାୟ ମତଦାନ ଆସନ୍ତା ଜୁନ୍ ୧ ତାରିଖରେ ହେବାକୁ ଥିବାବେଳେ କେନ୍ଦୁଝର ଜିଲ୍ଲାର ଦୁଇ ଯୁବନେତା ଦେବପ୍ରିୟ ପାତ୍ର ଓ ରାକେଶ କୁମାର ରାମଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ଶ୍ରୀ ପାତ୍ର ଓ କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଶ୍ରୀ ରାମ ବିଜୁ ଜନତା ଦଳର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀଙ୍କ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଚାନ୍ଦବାଲିରେ ପହଞ୍ଚିଥିବା ଜଣାଯାଇଛି। ଇତି ପୂର୍ବରୁ ସେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ସଂଯୋଜକ ଭାବେ ନିୟୋଜିତ ହୋଇଥିଲେ।



## ଭାଗ୍ୟସ୍ମିତା ବ୍ଲକ୍ ଟପ୍ପର



**ବିଜାତଳା, ୨୭।୫(ସମିସ):** ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଜାତଳା ବ୍ଲକ କାଣାପାଟ ସରକାରୀ ହାଇସ୍କୁଲ ଛାତ୍ରୀ ଭାଗ୍ୟସ୍ମିତା ଦେଓ ୬୦୦ରୁ ୫୪୫ ମାର୍କ ରଖି ଏ-୧ ଗ୍ରେଡ଼ ପାଇଛନ୍ତି। ସେ ୯୧ ପ୍ରତିଶତ ମାର୍କ ରଖି ବ୍ଲକର ଟପ୍ପର ହୋଇଛନ୍ତି। ଏହାର ଶ୍ରେୟ ସେ ପିତାମାତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ଭବିଷ୍ୟତରେ ସେ ଡାକ୍ତର ହୋଇ ଜନସେବା କରିବା ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି ଏହି ସ୍କୁଲର ୫୩ ଜଣ ପିଲାଙ୍କ ମଧ୍ୟରୁ ୫୨ଜଣ କୃତକାର୍ଯ୍ୟ ହୋଇଛନ୍ତି।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ମମତାଙ୍କ ମାରାଥନ୍ ପ୍ରଚାର

**ରାଇରଙ୍ଗପୁର, ୨୭।୫(ସମିସ):** ରାଜ୍ୟସଭା ସାଂସଦ ମମତା ମହାନ୍ତ ବିଜେଡି କର୍ମୀମାନଙ୍କ ସହିତ ବିଜାତଳା, ବିଶୋଇ, ବହଳଦା, ରାଇରଙ୍ଗପୁର ଓ ତିରିଂ ବ୍ଲକ ଅଞ୍ଚଳରେ ପହଞ୍ଚି ବିଭିନ୍ନ ଗାଁରେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବିଜୁ ଜନତା ଦଳ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କ ପାଇଁ ସେ ନିର୍ବାଚନୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ରବିବାର ବିଜୁ ଜନତା ଦଳ ରାଜ୍ୟସଭା ସାଂସଦ ମମତା ମହାନ୍ତ ସାରସକଣା ବିଧାନସଭା ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ କାର୍ଯ୍ୟକାରୀ ହେଉଥିବା ନେଇ ସେ ଲୋକଙ୍କୁ ଅବଗତ କରିଥିଲେ। ପରେ ନବୀନ ଓଡ଼ିଶା ଗଢିବା ପାଇଁ ପୁଣି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥି ସହିତ ମମତା ମହାନ୍ତ ସାରସକଣା ବିଧାନସଭା ଆସନ ପ୍ରାର୍ଥୀ ଡଃ ଦେବାଶିଷ ମାର୍ଣ୍ଡି, ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ରାଇରଙ୍ଗପୁର ବିଧାନସଭା ଆସନ ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ତାଙ୍କ ସହିତ ପୂର୍ଣ୍ଣିମା ମହାନ୍ତ, ମୟୂରଭଞ୍ଜ ବିଜୁ ମହିଳା ଜନତା ଦଳ ସାଧାରଣ ସମ୍ପାଦିକା, ରାଜ୍ୟ ସାଧାରଣ ସମ୍ପାଦକ ବିକାଶ ମହାନ୍ତ, ଫନ୍ତୁସ ମହାନ୍ତ, ଲାଲମୋହନ ମହାନ୍ତ, ଉପେନ୍ଦ୍ର ମହାନ୍ତ, ଡାକ୍ତର ମହାନ୍ତ, ସୁଶେନ ମହାନ୍ତ, ପାର୍ବତୀ ମହାନ୍ତ, କୁମୁଦିନି ମହାନ୍ତ, ପ୍ରମିଳା ମହାନ୍ତ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ପ୍ରଚାରକୁ ଓହ୍ଲାଇଲେ ଦେବାଶିଷଙ୍କ ପତ୍ନୀ



**ବିଜାତଳା, ୨୭।୫(ସମିସ):** ନିର୍ବାଚନ ତାରିଖ ଯେତିକି ପହଞ୍ଚୁଛି ସେତିକି ସରଗରମ ହେଉଛି ରାଜନୈତିକ ପାଣିପାଗ। ସାରସକଣା ନିର୍ବାଚନ ମଣ୍ଡଳୀ ଏବେ ପ୍ରଚାରରେ ଉଠୁଛି ପଡୁଛି। ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ଦେବାଶିଷଙ୍କ ଉତ୍ତମ ରଣନୀତି ସାଙ୍ଗକୁ ହାଇଭୋଲଟେଜ ପ୍ରଚାର ତୃଣମୂଳ ସ୍ତରରେ ବେଶ ଆଲୋଚନାର ଖୋରାକ ଯୋଗାଇଛି। ଦେବାଶିଷଙ୍କ ଦୃଢ଼ ସଂଗଠନ ପ୍ରଚାରର ଜନ ଗହଳିରୁ ସହଜେ ଅନୁମେୟ। ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଲୋକପ୍ରିୟତା ଓ ସୁଶାସନର ପ୍ରତିଫଳନ ସ୍ଥାନୀୟ ଅଞ୍ଚଳରେ ବେଶ ଦେଖିବାକୁ ମିଳିଛି। ମିଶନ ଶକ୍ତିର ଉଦାହରଣ ସ୍ୱରୂପ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ କ୍ଷେତ୍ରରେ ବି ମହିଳାଙ୍କ ଅଂଶୀଦାର ବଢ଼ିଛି। ଏହାର ନେତୃତ୍ୱ ନେଇଛନ୍ତି ବିଧାୟକ ପ୍ରାର୍ଥୀ ଡାକ୍ତର ମାର୍ଣ୍ଡିଙ୍କ ଧର୍ମପତ୍ନୀ ରୀନା ମାର୍ଣ୍ଡି। ବିଜାତଳା ବ୍ଲକର ବିଭିନ୍ନ ଅଞ୍ଚଳରେ ରୀନା ମହିଳାଙ୍କ ଗହଣରେ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ତୃଣମୂଳ ସ୍ତରର ମହିଳାମାନେ ତାଙ୍କୁ ବେଶ ସମର୍ଥନ ପୂର୍ବକ ସହଯୋଗ କରୁଥିବା ଦେଖାଯାଇଛି। ବିଧାୟକଙ୍କ ପତ୍ନୀଙ୍କୁ ମହିଳାମାନେ ପାଖରେ ପାଇ ବେଶ ଖୁସିବ୍ୟକ୍ତ କରିଛନ୍ତି। ସୁତରାଂ ବିଜେଡି ପ୍ରଚାରରେ ବିରୋଧୀ ଦଳଙ୍କଠାରୁ ବହୁ ଆଗରେ ରହିଛି।

### ଶିଳପୁରିଆ ଜଙ୍ଗଲରେ ୪୬ ଟିକିଆ ହାତୀପଲର ଦୌରାତ୍ମ୍ୟ

## ଭାଙ୍ଗିଲେ ଏକାଧିକ ଘର; ଦନ୍ତା ଆକ୍ରମଣରେ ଜଣେ ଗୁରୁତର



**ବୈଶିଙ୍ଗା, ୨୭।୫(ସମିସ):** ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ଥାନା ଅଧୀନ ମୋହନପୁର, କ୍ଷୀରିପଦା ଆଦି ଅଞ୍ଚଳରେ ଏକାଧିକ ଘର ଭାଙ୍ଗିଥିବା ବେଳେ ବେଲାଣପୁରାରେ ଏକ ଦନ୍ତା ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ୪୬ ଟିକିଆ ହାତୀପଲ ଗତ ସପ୍ତାହରେ ଜାତୀୟ ରାଜପଥ ଅତିକ୍ରମ କରି ମୋହନପୁର, ଭିତରଶୋଳ, କ୍ଷୀରିପଦା, ହାତୀପତୁକା ଇଲାକାରେ ବିଚରଣ କରୁଥିଲେ। ଏହି ହାତୀପଲ ଏକର ଏକର ପନିପରିବା ଚାଷ ନଷ୍ଟ କରିବା ସହିତ ଦଳିଚକଟି ଦେଇଛନ୍ତି। ଭୋର ହେବାମାତ୍ରେ ହାତୀପଲ ବେତନଟୀ ରେଞ୍ଜ ଅଧୀନ କ୍ଷୀରିପଦା ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିଆସୁଥିଲେ। ରବିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ପାଟଲୀପୁରା ଉପକଣ୍ଠ ବେଲାଣପୁରା ଗ୍ରାମରେ ପ୍ରବେଶ କରିଥିଲା। ରବିବାର ରାତି ଝଡତୋଫାନ ପାଇଁ ବିଦ୍ୟୁତ ସରବରାହ ବିଚ୍ଛେଦ ହୋଇଥିବା ବେଳେ ଅନ୍ଧାରରେ ଜାଣି ନ ପାରି ବାହାରକୁ ଉଠିଥିବା ସୁଶାନ୍ତ ଦନ୍ତା ହାବୁଡରେ ପଡ଼ିଯାଇଥିଲେ। ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେଇଥିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ହାତୀପଲର ଗତିବିଧି ଅନୁଧ୍ୟାନ ନିମନ୍ତେ ବନବିଭାଗ ପକ୍ଷରୁ ଏକାଧିକ ଟିମ ମୁତୟନ କରାଯାଇଛି। ସୋମବାର ସୁଦ୍ଧା ୪୬ଟି ହାତୀ ଶିଳିପୁରିଆ ଜଙ୍ଗଲରେ ଥିବାବେଳେ ଗୋଟିଏ ଦାନ୍ତିଆମୁହାଁ ଉପକଣ୍ଠ ଦୁର୍ଗାପୁର, ଭାଲୁକବୁଆ ଏବଂ ଅନ୍ୟ ଦୁଇଟି ବଡାମପୁର ସେକ୍ସନ ଇଲାକାରେ ରହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା: ଜ୍ୟୋତିକା ଜିଲ୍ଲା ଟପ୍ପର

**ବାରିପଦା, ୨୭।୫(ସମିସ):** ଚଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ବାରିପଦା ତୁଳସୀଚୌରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ଜଣ ମେଧାବୀ ଛାତ୍ରଛାତ୍ରୀ ଏ-ୱାନ ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେମାନେ ହେଲେ ଜ୍ୟୋତିକା ମହାପାତ୍ର ୫୬୯ (୯୪.୮୩%), ହରିଶଙ୍କର ହାତୀ, ଆଦିତ୍ୟ ମିଶ୍ର, ସ୍ୱନ୍ଦନ କୁମାର ମହାନ୍ତ ଓ ଶୁଭେନ୍ଦୁ କୁମାର ମହାନ୍ତ ପ୍ରତ୍ୟେକ ୫୫୨(୯୨ %), ଗୁଲଶନ କୁମାର ମହାନ୍ତ ୫୪୫(୯୦.୮୩ %) ଓ ସ୍ନିଗ୍ଧା ମଞ୍ଜରୀ ମହାନ୍ତ ୫୪୨ (୯୦.୩୩%) ରଖିଛନ୍ତି। ଜ୍ୟୋତିକା ମହାପାତ୍ର ସର୍ବାଧିକ ନମ୍ବର ରଖି ମୟୂରଭଞ୍ଜ ଜିଲ୍ଲାରେ ଟପ୍ପର ହୋଇଛନ୍ତି। ଫଳ ପ୍ରକାଶିତ ହେବା ପରେ ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ମେଧାବୀ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟ ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାମନ୍ଦିର ବିଭାଗର ପର୍ଯ୍ୟାୟ ପ୍ରମୁଖ ଛତିଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ

**କରଞ୍ଜିଆ, ୨୭।୫(ସମିସ):** ଯଶିପୁର (ସଂ) ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କ ଦୁଇ ଦିନିଆ ତାଲିମ ସୋମବାର ଆରମ୍ଭ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନମଣ୍ଡଳୀର ୨୯୨ଟି ବୁଥ ପାଇଁ ନିଯୁକ୍ତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ଭୋଟଦାନ ପ୍ରକ୍ରିୟା ଏବଂ ତତସଂକ୍ରାନ୍ତ ନିୟମାବଳୀ ଉପରେ ତାଲିମ ଦିଆଯାଇଥିଲା। ସେହିପରି ୨୯୨ଟି ବୁଥ ପାଇଁ ନିଯୁକ୍ତ ମୋଟ ୧୭୫୫ ଅଧିକାରୀଙ୍କୁ ତାଲିମକେନ୍ଦ୍ରରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କେନ୍ଦ୍ର ଗୁଡିକ ମଧ୍ୟରେ କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ (୧୦କେନ୍ଦ୍ର), ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (୧ କେନ୍ଦ୍ର), ଏନଏସି (୧କେନ୍ଦ୍ର) କରଞ୍ଜିଆ ବ୍ଲକର ସମ୍ମିଳନୀ କକ୍ଷ (୧କେନ୍ଦ୍ର) ଓ କୃଷି ବିଭାଗ ସମ୍ମିଳନୀ କକ୍ଷରେ (୧ କେନ୍ଦ୍ର) ତାଲିମ କେନ୍ଦ୍ରରେ ପ୍ରଶିକ୍ଷକ ଭାବେ ସନ୍ତୋଷ କୁମାର ମିଶ୍ର, ଏବିଇଓ ଠାକୁରମୁଣ୍ଡା, ସ୍ୱପ୍ନେଶ୍ୱର୍ ବେହେରା, ବିଡ଼ିଓ ଠାକୁରମୁଣ୍ଡା, ସୁଶ୍ରୀ ସୁପ୍ରିୟା ତହସିଲଦାର ଠାକୁରମୁଣ୍ଡା, ପ୍ରେମାନନ୍ଦ ବେହେରା, ବିଡ଼ିଓ ରରୁଆ, ବ୍ରହ୍ମାନନ୍ଦ ବେହେରା, ବିଡ଼ିଓ ସୁକ୍ରୁଳି, ନିତ୍ୟାନନ୍ଦ ସେଠୀ, ଅତିରିକ୍ତ ତହସିଲଦାର କରଞ୍ଜିଆ, ଦେବାଶିଷ ସାହୁ, ଜିପିଡିଓ କରଞ୍ଜିଆ, ହିମାଂଶୁ ଶେଖର ଦତ୍ତ ପ୍ରମୁଖ ବହୁ ଅଧିକାରୀ ତାଲିମ ଦେବେ।

## ଅବକାରୀ ବିଭାଗର ଚଢ଼ଉ; ୩ ଗିରଫ

**ବେତନଟୀ/ବୈଶିଙ୍ଗା, ୨୭।୫(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ସୋମବାର ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱ ଏକାଧିକ ଢାବାରେ ଚଢଉ କରି ମଦ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେତନଟୀ ଆଦିବାସୀ ସାହିର କାହ୍ନୁ ମାର୍ଣ୍ଡିର ସ୍ତ୍ରୀ ବିନତୀ ମାର୍ଣ୍ଡି (୪୩) ସର୍ବଣା ଗ୍ରାମର ଅଭୟ ଦାସ(୪୮) ଏବଂ ତୁଳସୀଚଉରା ଢାବାର ପୁରୁଷୋତ୍ତମ ମହାନ୍ତ (୩୫)। ଏମାନଙ୍କ ନିକଟରୁ ଦେଶୀ ଏବଂ ବିଦେଶୀ ମଦ ଜବତ କରାଯାଇଛି।

## ଶତପ୍ରତିଶତ ମତଦାନକୁ ଜିଲ୍ଲା ପ୍ରଶାସନର ଗୁରୁତ୍ୱ

**ବାରିପଦା, ୨୭।୫(ସମିସ)**



ମୟୂରଭଞ୍ଜ ଜିଲ୍ଲାରେ ଆସନ୍ତା ଜୁନ ୧ ତାରିଖ ନିର୍ବାଚନ ହେବ। ଏଥିରେ ଶତପ୍ରତିଶତ ମତଦାନକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ଆବଶ୍ୟକ ପ୍ରସ୍ତୁତି ଶେଷ କରିଛି। ଏ ନେଇ ସୋମବାର ସନ୍ଧ୍ୟାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ. ସୁଶ୍ରୀ ସୂଚନା ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀ ସିନ୍ଦେ ଜିଲ୍ଲାର କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଗତ ୨୫ ତାରିଖରେ ଅନୁଷ୍ଠିତ ହୋଇଥିବା ଏବଂ ଜୁନ ୧ ତାରିଖରେ ହେବାକୁ ଥିବା ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ବିଷୟରେ ଗଣମାଧ୍ୟମକୁ ସବିଶେଷ ବିବରଣୀ ଦେଇଥିଲେ। ସେ କହିଥିଲେ ଯେ, କରଞ୍ଜିଆରେ ହୋଇଥିବା ମତଦାନରେ ଆଶାନୁରୂପ ଫଳ ମିଳିପାରିଛି। ଭୋଟ ହାର ୭୪.୯୪% ରହିଥିବା ବେଳେ ୧୭ଟି ପିଭିଟିଜି ବୁଥରେ ୯୮% ଭୋଟ ହାର ହୋଇଛି। ସେଠାରେ ୬୭୦ଜଣ ଭୋଟରଙ୍କ ମଧ୍ୟରୁ ୬୫୫ ଜଣ ମତଦାନ କରିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି। ସୂଚନା ଥାଉକି, ଆସନ୍ତା ଜୁନ ୧ ତାରିଖରେ ଜିଲ୍ଲାରେ ୨୧୨୭ଟି ଏବଂ ଗୋଟିଏ ସହାୟକକାରୀ ବୁଥ ପ୍ରସ୍ତୁତ ରହିଛି। ୮ଟି ନିର୍ବାଚନ ମଣ୍ଡଳୀ ପାଇଁ ୯୨ଜଣ ପ୍ରାର୍ଥୀ ଥିବା ବେଳେ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ୧୩ ଜଣ ଆଶାୟୀ ପ୍ରାର୍ଥୀ ଅଛନ୍ତି। ସର୍ବମୋଟ ୧୭, ୪୨, ୬୭୪ ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିବାକୁ ଥିବା ବେଳେ ସେଥିରୁ ୮, ୬୩, ୪୧୯ ପୁରୁଷ ୮, ୭୯, ୧୭୫ ମହିଳା ଏବଂ ୮୦ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଜିଲ୍ଲାରେ ୧୫୧ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ସେଥିରୁ ୧୪୩ଟି ପୋଲିଂ ଷ୍ଟେସନରେ ସିଧାସଳଖ ୱେବକାଷ୍ଟିଂ ହେବାର ବ୍ୟବସ୍ଥା କରାଯାଇଛି। ସମସ୍ତ ବୁଥରେ ଆଇନ ଶୃଙ୍ଖଳା ଏବଂ ଉତ୍ତମ ବନ୍ଦୋବସ୍ତ ପାଇଁ ବ୍ୟବସ୍ଥା କରାଯାଇଛି। ମତଦାନ କେନ୍ଦ୍ର ମଧ୍ୟରୁ ୪୨୬ଟି ସଖୀ ବୁଥ, ୬୨୪ଟି ମିଳିତ ବୁଥ, ୯ଟି ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବୁଥ ଏବଂ ୮୦ଟି ଯୁବ ବୁଥ ପ୍ରସ୍ତୁତ କରାଯାଇଛି। ବିଧାନସଭା କ୍ଷେତ୍ର ପାଇଁ ପୋଷ୍ଟାଲ ବାଲଟରେ ୬୨୮ଟି ଭୋଟ ଗ୍ରହଣ ହୋଇଥିବା ବେଳେ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ୬୦୩ଟି ପୋଷ୍ଟାଲ ବାଲଟ ଗ୍ରହଣ କରାଯାଇଛି। ଜିଲ୍ଲାରେ ୫୪ଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ, ୫୪ଟି ଷ୍ଟାଟିକ୍ ସର୍ଭିଲେନ୍ସ ଟିମ ଏବଂ ୧୮ଟି ଭିଡିଓ ସର୍ଭିଲେନ୍ସ ଟିମ କାର୍ଯ୍ୟରତ ଅଛନ୍ତି। ସମସ୍ତ ମତଦାନ କେନ୍ଦ୍ରରେ ଭୋଟର ଏବଂ ସମସ୍ତ ପୋଲିଂ ଅଧିକାରୀଙ୍କ ପାଇଁ ରହିବା, ପାନୀୟ ଏବଂ ଖରାରୁ ରକ୍ଷା କରିବା ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି ବୋଲି ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ. ସୁଶ୍ରୀ କହିଥିଲେ ଯେ, ଆଗାମୀ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୧୬୯ଟି ମୋବାଇଲ ପାର୍ଟି, ୫ଟି ଇଭିଏମ ଷ୍ଟ୍ରଙ୍ଗ ରୁମ, ପୁଲିସ ପକ୍ଷରୁ କରାଯାଇଥିବା ବେଳେ ୧୦ଟି ଆନ୍ତଃ ରାଜ୍ୟ ଚେକ ପୋଷ୍ଟ, ୭ଟି ଅନ୍ତଃ ଜିଲ୍ଲା ଚେକ ପୋଷ୍ଟ, ୮ଟି ମୋବାଇଲ ଚେକ ପୋଷ୍ଟ ଏବଂ ୯ଟି ଷ୍ଟାଟିକ୍ ଚେକ ପୋଷ୍ଟ ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ଦୁର୍ଗାଚରଣ ମୁର୍ମୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ନାଏକ ସହଯୋଗ କରିଥିଲେ।


**Format C-1**

(for candidate to publish in Newspapers, TV)

**Declaration about Criminal cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

**Name and Address of Candidate : MAHAN HEMBRAM,** S/o- Gurva Hembram, At- Palasbani, Po- Baiganbadia, Ps.- Kuliana, Dist.- Mayurbhanj

Name of Political Party : **INDEPENDENT**

(Independent candidates should write 'Independent' here)

Name of Election : **GENERAL ELECTION-2024**

***Name of Constituency : 29-BANGRIPOSI (ST) ASSEMBLY CONSITUENCY, ODISHA**

**I MAHAN HEMBRAM** (name of candidate), a candidate for the above- mentioned election, declare for public information the following details about my criminal antecedents:

(A) Pending criminal cases

| Sl No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | **JMFC (1), BARIPADA** | **GR No. 1013/15** | **Pending** | **U/s – 341/294/ 323/506 of IPC False allegation by a teacher due to dispute** |

(B) Detail about cases of conviction for criminal offence(s)

| Sl No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | **NA** | **NA** | **NA** |

*In the case of election to Council of States or election to Legislative Council by MLAs, mention the election concerned in the place of name of constituency.

**Sd/- Mahan Hembram**

**Format C-1**

(for candidate to publish in Newspapers, TV)

**Declaration about Criminal cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

**Name and Address of Candidate : SHRI ASWINI KUMAR PATRA,** At/P.o-Khuard, P.S.: Raibania, Dist.: Balasore

Name of Political Party : **BIJU JANATA DAL**

Name of Election : **GENERAL ELECTIONS TO STATE LEGISLATIVE ASSEMBLY OF ODISHA-2024**

**Name of Constituency : 35-JALESWAR Assembly Constituency**

**I SHRI ASWINI KUMAR PATRA (name of candidate), a candidate for the above mentioned election, declare for public information the following details about my criminal antecedents:**

(A) Pending criminal cases

| Sl No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | **JMFC, Balasore (Rural)** | **CT 234/2009** | **For Trial** | **U/s- 147-Punishment for Rioting,145-Joining or continuing in unlawful assembly, knowing it has been commanded to disperse/146-Rioting OF IPC & 174 Railway Act-Obstruction of train** |
| 2. | **JMFC, Balasore (Rural)** | **2 (c) CC No. 12/2016** | **For Trial** | **U/s- 147-Punishment for Rioting,145-Joining or continuing in unlawful assembly, knowing it has been commanded to disperse/146-Rioting OF IPC & 174 Railway Act-Obstruction of train** |

(B) Detail about cases of conviction for criminal offence(s)

| Sl No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | **NA** **NA** | | **NA** |

*In the case of election to Council of States or election to Legislative Council by MLAs, mention the election concerned in the place of name of constituency.

**SD/- SHRI ASWINI KUMAR PATRA**



# ବାଲେଶ୍ୱରର ସାମଗ୍ରିକ ବିକାଶ ବଖାନ କରେ

# 'ନବୀନ ଗ୍ୟାରେଣ୍ଟି'

ବାଲେଶ୍ୱର, ୨୭।୫(ସମିସ)

**ମାତ୍ର ୩ ବର୍ଷରେ ସଦର ନିର୍ବାଚନମଣ୍ଡଳୀରେ ହୋଇଛି ୧୮୦୦ କୋଟି ଟଙ୍କାର ବିକାଶ କାର୍ଯ୍ୟ**

**କାର୍ତ୍ତିକ ପାଣ୍ଡିଆନ ସାଜିଛନ୍ତି ରୂପାନ୍ତରଣର ରୂପକାର**

**କାର୍ଯ୍ୟ ସମ୍ପନ୍ନ କଲେ ସ୍ୱରୂପ**

୨୦୨୦ ମସିହା ବାଲେଶ୍ୱର ସଦର ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱରର ସାମଗ୍ରିକ ବିକାଶର ଦାୟିତ୍ୱ ଖୋଦ୍ ଗ୍ରହଣ କରିଥିଲେ। ଆଉ ବାଲେଶ୍ୱରରେ ସାମଗ୍ରିକ ବିକାଶର ଚିତ୍ର ଆଜିର ଦିନରେ ବଖାନ କରୁଛି ନବୀନ ଗ୍ୟାରେଣ୍ଟିର ଦମ୍। ମାତ୍ର ତିନି ବର୍ଷ ମଧ୍ୟରେ ସଦର ନିର୍ବାଚନମଣ୍ଡଳୀରେ ହୋଇଛି ୧୮୦୦ କୋଟି ଟଙ୍କାର ବିକାଶ କାର୍ଯ୍ୟ। ଆଉ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସାଜିଛନ୍ତି ଏହି ରୂପାନ୍ତରଣର ରୂପକାର। ତୃଣମୂଳସ୍ତରରେ ଏସବୁ ବିକାଶ କାର୍ଯ୍ୟ ସମ୍ପନ୍ନ କରିବାରେ ସଦର ବିଧାୟକ ସ୍ୱରୂପ ଦାସ ସାଜିଛନ୍ତି ପ୍ରକୃତ ବିନ୍ଧାଣୀ। ବାଲେଶ୍ୱରବାସୀଙ୍କ ସହଯୋଗ ଓ ସହଭାଗିତାରେ ଏହି ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ବାଲେଶ୍ୱରବାସୀ ବିକାଶକୁ ନେଇ ବେଶ୍ ସଚେତନ ଥିବାରୁ ଆଗକୁ ଏହି ସାମଗ୍ରିକ ବିକାଶକୁ ଆଗକୁ ବଢ଼ାଇ ନେବାକୁ ସାରଥୀ ସାଜିବେ ବୋଲି କହିଛନ୍ତି ବିଧାୟକ ସ୍ୱରୂପ ଦାସ। ବାଲେଶ୍ୱରର ସାମଗ୍ରିକ ବିକାଶରେ ଏହି ତିନି ବର୍ଷକୁ ବିକାଶର ସୁବର୍ଣ୍ଣ ଯୁଗ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ କ୍ଷେତ୍ରରେ ପୂର୍ତ୍ତ ବିଭାଗ ଦ୍ୱାରା ବାଲେଶ୍ୱର ମ୍ୟୁନିସିପାଲିଟିରେ ୨୬୯.୭୮ କୋଟି, ଶକ୍ତି ବିଭାଗର ୨୭.୦୮ କୋଟି, ସାଧାରଣ ସ୍ୱାସ୍ଥ୍ୟ ଓ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ୩୩.୬୮ କୋଟି, ଜଳସେଚନ ବିଭାଗ ଦ୍ୱାରା ୧୦କୋଟି, ଶିକ୍ଷା ବିଭାଗ ଦ୍ୱାରା '୫-ଟି' ହାଇସ୍କୁଲ ଓ କଲେଜ ରୂପାନ୍ତରଣରେ ୮୧.୫୦ କୋଟି, ସଦର ବ୍ଲକରେ ପୂର୍ତ୍ତ ବିଭାଗ ଦ୍ୱାରା ୧୫୨.୬୨କୋଟି, ଜଳସେଚନ ବିଭାଗ ଦ୍ୱାରା ୪୧୮.୫୩ କୋଟି, ଗ୍ରାମୀଣ କାର୍ଯ୍ୟ ବିଭାଗ ଦ୍ୱାରା ୧୨୯.୫୧କୋଟି, ଡ୍ରେନେଜ୍ ବିଭାଗ ଦ୍ୱାରା ୧୯.୮୮ କୋଟି, ମୃତ୍ତିକା ସଂରକ୍ଷଣ ବିଭାଗ ୦.୮୬କୋଟି, ଗ୍ରାମ୍ୟ ପାନୀୟ ଜଳ ବଣ୍ଟନ ବିଭାଗ ଦ୍ୱାରା ୨୦୪.୭୭କୋଟି, ମତ୍ସ୍ୟ ବିଭାଗ ଦ୍ୱାରା ୯୪.୩୩ କୋଟି, ଉଠା ଜଳସେଚନ ବିଭାଗ ଦ୍ୱାରା ୧୨.୩୦କୋଟି, କୃଷି ବିଭାଗ ଦ୍ୱାରା ୪.୦୭କୋଟି, ପଶୁପାଳନ ବିଭାଗ ଦ୍ୱାରା ୧.୮୨କୋଟି, ଇଡ୍କୋ ବିଭାଗ ଦ୍ୱାରା ୧୫୦.୮୬ କୋଟି, ବିବିଧ କ୍ଷେତ୍ରରେ ୧୫୧.୪୪ କୋଟି ଟଙ୍କାର ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି।

ବାଲେଶ୍ୱର ସଦର ବ୍ଲକ ବନ୍ୟା, ବାତ୍ୟା ଓ ଲୁଣିପାଣି ବୁଡ଼ି ଭଳି ଜଟିଳ ସମସ୍ୟା ମଧ୍ୟ ଦେଇ ଗତି କରିଆସୁଥିଲା। ବାଲେଶ୍ୱରର ସମୁଦ୍ରକୂଳିଆ ଲୋକ ହୁଅନ୍ତୁ କିମ୍ବା ବୁଢ଼ାବଳଙ୍ଗ ନଦୀକୂଳିଆ ଲୋକଙ୍କ ସମସ୍ୟାକୁ ନଜର ରଖି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ସ୍ୱରୂପ ସାମଗ୍ରିକ ବିକାଶର ସିଂହଭାଗ ବାଲେଶ୍ୱର ଜଳସେଚନ ବିଭାଗକୁ ୪୧୮.୫୩ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏଥିରେ ବହୁ ବୃହତ୍ ପ୍ରକଳ୍ପ ସହିତ କ୍ଷୁଦ୍ର ପ୍ରକଳ୍ପକୁ ସ୍ଥାନ ଦିଆଯାଇଛି। ୩୮.୫୬ କୋଟିରେ ଚାନ୍ଦିପୁର ଓ ପରଖି ବେଳାଭୂମିରେ ସାମଗ୍ରିକ ବନ୍ଧ ନିର୍ମାଣ, ୧୦.୨୩ କୋଟିରେ ବୁଢ଼ାବଳଙ୍ଗ, ପଞ୍ଚୁପଡ଼ା ଏବଂ ଡୁବଡୁବି ନଦୀ ପାର୍ଶ୍ୱରେ ନଦୀବନ୍ଧ ନିର୍ମାଣ, ୨.୮୪ କୋଟିରେ କସବା, ବାଲିଘାଟ, କୁଡ଼ିଆ, ଡୁମୁରିଆ ଆଦି ସ୍ଥାନରେ ବୁଢ଼ାବଳଙ୍ଗ ନଦୀପାର୍ଶ୍ୱ ବନ୍ଧ ନିର୍ମାଣ, ୪.୯୨କୋଟିରେ ପୁରୁଣା ବାଲେଶ୍ୱରରେ ବନ୍ଧ ନିର୍ମାଣ, ୫.୯ କୋଟିରେ ବୁଢ଼ାବାଳଙ୍ଗ ନଦୀ ପାର୍ଶ୍ୱସ୍ଥ ବନ୍ଧ ନିର୍ମାଣ, ୪.୮୧ କୋଟିରେ ସୁଲପଟାଠାରୁ ଟିଆଖିଆ କେନାଲ ତଟର ପୁନରୁଦ୍ଧାର କାର୍ଯ୍ୟ, ୪.୨୭ କୋଟିରେ ଦୁମୁଡ଼ା, କସବା, ପରଖିରେ ଲୁଣାପାଣି ପ୍ରତିରୋଧକ ବନ୍ଧ ନିର୍ମାଣ, ୪୬.୬୪ କୋଟିରେ ସୁଲପଟା-ବାହାବଳପୁର ଲୁଣିପାଣି ପ୍ରତିରୋଧକ ବନ୍ଧ ଦୃଢ଼ୀକରଣ, ୨୦.୬୨ କୋଟିରେ ଚାନ୍ଦିପୁର ପାନ୍ଥନିବାସ ସମ୍ମୁଖରେ ପ୍ରତିରୋଧକ ବନ୍ଧ ନିର୍ମାଣ, ୩୦.୮ କୋଟିରେ ସାର୍ଥା ଦକ୍ଷିଣ ପାର୍ଶ୍ୱ ଲୁଣିପାଣି ପ୍ରତିରୋଧକ ବନ୍ଧ ନିର୍ମାଣ, ୨୨ କୋଟିରେ ପଞ୍ଚୁପଡ଼ାଠାରୁ କଷାଫଳ ପର୍ଯ୍ୟନ୍ତ ବନ୍ଧ ଦୃଢ଼ୀକରଣ, ୪୦.୬୪କୋଟିରେ ଚାରିଗୋଛିଆରୁ ବଳରାମଗଡ଼ି ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ବନ୍ୟା ପ୍ରତିବନ୍ଧକ ବନ୍ଧ ନିର୍ମାଣ ଆଦି ବହୁ ପ୍ରକଳ୍ପ କାର୍ଯ୍ୟ ପ୍ରଗତିରେ ରହିଛି।

ବାଲେଶ୍ୱର ସହରର ସୌନ୍ଦର୍ଯ୍ୟକରଣ ଓ ସାମଗ୍ରିକ ବିକାଶ ପାଇଁ ପୂର୍ତ୍ତ ବିଭାଗ ୨୬୯.୭୮ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ୮.୦୭ କୋଟି ମଡେଲ ବସ୍ ଟର୍ମିନାଲ ନିର୍ମାଣ, ୩୯.୩୩ କୋଟିରେ ବାଲେଶ୍ୱର ଆନନ୍ଦବଜାର ଛକଠାରୁ ଫୁଲାଡ଼ି ୬୦ନଂ ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ୮ କୋଟି ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱରେ ବୋଟ୍ ଘାଟ ପର୍ଯ୍ୟନ୍ତ ବନ୍ଧ ନିର୍ମାଣ, ୧୩.୬୯ କୋଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଏନଏମ୍ ଟ୍ରେନିଂ ସେଣ୍ଟର ନିର୍ମାଣ, ୨୦ କୋଟି ଟଙ୍କାରେ ଆଇଟିଆଇ ପଡ଼ିଆସ୍ଥ ଇନଡୋର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ସନ୍ତରଣାଗାର ନିର୍ମାଣ, ୩୩.୪୧ କୋଟିରେ ସହରର ୨୬ଟି ପିଡବ୍ଲ୍ୟୁଡି ରାସ୍ତା ନିର୍ମାଣ, ୧୯.୬୬ କୋଟିରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ, ୫୯.୧୭କୋଟିରେ ନୁଣିଆଯୋଡ଼ିଠାରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ, ୩୧.୩୨କୋଟି ଟଙ୍କାରେ ହଳଦୀପଦା ଓ ସୋଲପଟା କୋଷ୍ଟକେନାଲ୍ ପୋଲ ନିର୍ମାଣ ଆଦି ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି।

ବାଲେଶ୍ୱରର ସାମଗ୍ରିକ ବିକାଶ କାର୍ଯ୍ୟକୁ ଆଗେଇ ନେବା ପାଇଁ ନବୀନଙ୍କ ଗ୍ୟାରେଣ୍ଟି କାର୍ଯ୍ୟକାରୀ କରିଚାଲିଛି। ଆଗକୁ ଏହି ବିକାଶକୁ ଶୀର୍ଷତ୍ୱ ଛୁଇଁବା ପାଇଁ ତୃଣମୂଳସ୍ତରରୁ ଜନ ସହଭାଗିତା ରହିଥିବାରୁ ବାଲେଶ୍ୱର ବିକାଶର ମଡେଲ୍ ଭାବେ ସାରା ଓଡ଼ିଶାରେ ପରିଗଣିତ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।











## ନୀଳକଣ୍ଠେଶ୍ୱର ଉଚ୍ଚମାଧ୍ୟମିକ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା

ବାଲେଶ୍ୱର, ୨୭।୫(ସମିସ): ଚଳିତବର୍ଷ ଅନୁଷ୍ଠିତ ହୋଇଥିବା ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଫଳତା ପାଇଛି। ବିଜ୍ଞାନରେ ସର୍ବମୋଟ ପରୀକ୍ଷା ଦେଇଥିବା ୧୨୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶେଣୀରେ୧୧୪ଜଣ, ଦ୍ୱିତୀୟ ଶ୍ରେଣୀରେ୧୨ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବମୋଟ ୧୪୭ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ପ୍ରଥମ ଶ୍ରେଣୀରେ୨୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ଜଣ ଏବଂ ୮୮ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୧୩ଜଣ ଫେଲ ହୋଇଛନ୍ତି। କଳାରେ ଛାତ୍ରୀ ଦେବୀପ୍ରଭା ଦାସ ସର୍ବାଧିକ ୫୧୩ନମ୍ବର ରଖିଥିବା ବେଳେ ବିଜ୍ଞାନରେ ପ୍ରୀତମ କୁମାର ପଟ୍ଟନାୟକ ସର୍ବାଧିକ ୫୨୬ନମ୍ବର ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ କର ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ସଫଳତା

ଜଳେଶ୍ୱର, ୨୭।୫(ସମିସ): ଗତକାଲି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଜଳେଶ୍ୱର ସ୍ଥିତ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଆଶାତୀତ ସଫଳତା ହାସଲ ହୋଇଛି। ଉକ୍ତ ବିଦ୍ୟାଳୟରେ ୨୦୨୪ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ମୋଟ ୯୯ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୩୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୪ ଜଣ, ତୃତୀୟ ଶ୍ରେଣୀରେ ୩୨ ଜଣ ଓ ଜଣେ ଛାତ୍ରୀ ଫେଲ ହୋଇଛନ୍ତି। ଛାତ୍ରୀ ସୁହାନା ପରୱିନ ୫୩୮ ନମ୍ବର ରଖି ପ୍ରଥମ ସ୍ଥାନ ଋତୁପୂର୍ଣ୍ଣା ବାରିକ ୫୦୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ଜରିନ ଖାତୁନ ୪୯୧ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ମାମିରାଣୀ ମହାନ୍ତି, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି।

## ମାଟ୍ରିକ୍ ପରୀକ୍ଷାରେ ଭୋଗରାଇ ବ୍ଲକର ୯୯.୩% ସଫଳତା

ଭୋଗରାଇ, ୨୭।୫, (ସମିସ)

ଚଳିତ ବର୍ଷ ମାଟ୍ରିକ୍ ବୋର୍ଡ ପରୀକ୍ଷା ଫଳାଫଳ ରବିବାର ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ ପାସ୍‌ହାର ପାଖାପାଖି ଶତପ୍ରତିଶତ (୯୯.୩) ରହିଛି। ଚଳିତ ବର୍ଷ ଏହି ବ୍ଲକର ମୋଟ ୫୩ଟି ହାଇସ୍କୁଲରୁ ସମୁଦାୟ ୩, ୪୧୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲା ବେଳେ ସେଥିମଧ୍ୟରୁ ୩, ୩୯୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ଏ-୧ ଗ୍ରେଡରେ ସମୁଦାୟ ୧୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏ-୨ ଗ୍ରେଡରେ ୧୪୫ ଜଣ, ବି-୧ ଗ୍ରେଡରେ ୫୧୩ ଜଣ, ବି-୨ ଗ୍ରେଡରେ ୮୨୭ ଜଣ, ସି ଗ୍ରେଡରେ ୧୦୪୪ ଜଣ, ଡି ଗ୍ରେଡରେ ୬୦୪ ଜଣ, ଓ ଇ ଗ୍ରେଡରେ ୨୪୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପକ୍ଷରେ ୨୪ ଜଣ ଛାତ୍ରଛାତ୍ରୀ ଏଫ୍ ଗ୍ରେଡରେ ରହି ଅକୃତକାର୍ଯ୍ୟ ହୋଇଛନ୍ତି। ସେହିପରି ସଂସ୍କୃତ ମଧ୍ୟମା ପରୀକ୍ଷାରେ ୨ ଟି ସଂସ୍କୃତ ଟୋଲ ବିଦ୍ୟାଳୟରୁ ସମୁଦାୟ ୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସମସ୍ତ ୩୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ବି-୧ ଗ୍ରେଡ୍‌ରେ ୩୦ ଜଣ ଏବଂ ବି-୨ରେ ୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ମଟ୍ରିକ୍ ବୋର୍ଡ ପରୀକ୍ଷାରେ ଭୋଗରାଇ ବ୍ଲକରୁ ସମୁଦାୟ ୨୦୬ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିଲା ବେଳେ ଚଳିତ ବର୍ଷ ପରୀକ୍ଷାରେ କପି ରୋକିବା ପାଇଁ ବୋର୍ଡ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିବାରୁ ମାତ୍ର ୧୬ ଜଣ ଛାତ୍ରଛାତ୍ରୀ ଏ -୧ଗ୍ରେଡରେ କୃତକାର୍ଯ୍ୟ ହୋଇପାରିଛନ୍ତି। ପ୍ରତିବର୍ଷ ଏଭଳି ଭାବେ କପି ବିହୀନ ପରୀକ୍ଷା ପରିଚାଳନା ହେଲେ ପ୍ରକୃତ ମେଧାବୀ ଛାତ୍ରଛାତ୍ରୀ ମାନେ ନ୍ୟାୟ ପାଇପାରିବେ ବୋଲି ଏ-୧ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ମତପ୍ରକାଶ କରିଛନ୍ତି। ଭୋଗରାଇ ବ୍ଲକର ଶ୍ୟାମାନନ୍ଦୀପୁର ଡିଟିଏଲକେ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବାଡସରିଷା ବିଏନ ବିଦ୍ୟାପୀଠର ୪ ଜଣ ଲେଖାଏଁ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିଲା ବେଳେ କାଳାହୀ ପିପି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୨ ଜଣ ଏବଂ ବାହାର୍ଦ୍ଧା ସର୍ବେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଶ୍ରଦ୍ଧାପୁର ଉଚ୍ଚ ବିଦ୍ୟାଳୟ, ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ମହାଗବ ଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ହାଇସ୍କୁଲ ଓ ତାରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଲେଖାଏଁ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି। ଭୋଗରାଇ ବ୍ଲକର ସମୁଦାୟ ୫୩ ଟି ମଧ୍ୟରୁ ୩୩ ଟି ହାଇସ୍କୁଲରେ ଶତପ୍ରତିଶତ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ବଡ଼ମନ୍ଦାରୁଣୀ ହାଇସ୍କୁଲରେ ୩୮, ବାରବାଟିଆ ହାଇସ୍କୁଲରେ ୪୦, କଟିସାହି ବିସି ହାଇସ୍କୁଲରେ ୭୫, କଖଡା ବିଏମ ଏକାଡେମୀରେ ୫୪, ଶ୍ୟାମାନନ୍ଦୀପୁର ଡିଟିଏଲକେ ଉଚ୍ଚ ବିଦ୍ୟାଳୟରେ ୧୩୮, ବାଲିମ ଜିକେ ହାଇସ୍କୁଲରେ ୪୨, ଦୁବସାହି ଜିପି ହାଇସ୍କୁଲରେ୨୭, କମର୍ଦ୍ଦା ଜଗନ୍ନାଥ ସରକାରୀ ହାଇସ୍କୁଲରେ ୧୦୪, ମହାଗବ ଲୋକନାଥ ହାଇସ୍କୁଲରେ ୯୭, ହରିଦାସପୁର ନରେନ୍ଦ୍ର ନାଥ ହାଇସ୍କୁଲରେ ୧୧୨, ବେଲଦା ନୀଳକଣ୍ଠ ହାଇସ୍କୁଲରେ ୨୧, କୁଶୁଡା ଏନଏନ ହାଇସ୍କୁଲରେ ୩୮, କଟୁଆଡି ପିସି ହାଇସ୍କୁଲରେ ୬୫, ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ହାଇସ୍କୁଲରେ ୫୯ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବା ସହିତ ସମ୍ପୃକ୍ତ ହାଇସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି।

**୫୩ ହାଇସ୍କୁଲର ୩, ୪୧୯ ରୁ କୃତକାର୍ଯ୍ୟ ହେଲେ ୩, ୩୯୫ ଛାତ୍ରଛାତ୍ରୀ**

**୨ ସଂସ୍କୃତ ବିଦ୍ୟାଳୟରେ ସମସ୍ତ ୩୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ**

## ସଫଳତାର ରହସ୍ୟ ବଖାଣିଲେ ୪ ଟପ୍ପର୍









ଜଳେଶ୍ୱର, ୨୭।୫(ସମିସ): ଜଳେଶ୍ୱରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାଟ୍ରିକ ବୋର୍ଡ ପରୀକ୍ଷାରେ ଜିଲ୍ଲା ଓ ବ୍ଲକରେ ସଫଳତା ଆଣିଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ର ଅନିମେଶ ପାତ୍ର ଜିଲ୍ଲା ଓ ବ୍ଲକରେ ସର୍ବୋଚ୍ଚ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ର ଅନିମେଶ ପୂର୍ଣ୍ଣ ସଂଖ୍ୟା ୬୦୦ ମାର୍କରୁ ୫୭୫ ମାର୍କ (୯୬.୮୩%) ରଖିଛନ୍ତି। ସେ ଦିନକୁ ପ୍ରାୟ ୧୨ ଘଣ୍ଟାରୁ ୧୩ ଘଣ୍ଟା ପାଠ ପଢ଼ନ୍ତି। ବାପା ଡା. କୁମାର ପାତ୍ର ଜ୍ୟୋତି ହସ୍‌ପିଟାଲରେ କାର୍ଯ୍ୟରତ ଥିବା ବେଳେ ମା' ପଦ୍ମାସନା ପାତ୍ର କାଶିଡିହା ହାଇସ୍କୁଲର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ସଫଳତା ପାଇବା ପଛରେ ବାପା, ମାଆ, ବିଦ୍ୟାଳୟର ଗୁରୁଜୀ ଗୁରୁମା, ଟିଉସନ ସାରଙ୍କ ଆଶୀର୍ବାଦ ରହିଛି ବୋଲି ଅନିମେଶ କହିଛନ୍ତି। ସେହିଭଳି ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ସାୟନ ମୁଖୀ ୬୦୦ରୁ ୫୭୩ ନମ୍ବର ଶତକଡ଼ା ୯୫.୫% ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେ ମଧ୍ୟ ଦିନକୁ ୧୨ ଘଣ୍ଟା ପାଠ ପଢ଼ାରେ ସମୟ ଦିଅନ୍ତି ବୋଲି କହିଛନ୍ତି। ବାପା ସନ୍ତୋଷ କୁମାର ମୁଖୀ ଜଳେଶ୍ୱର ସରକାରୀ ଡାକ୍ତରଖାନାରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ମାଆ କ୍ରିଷ୍ଣା ମୁଖୀ ହାଉସ ୱାଇଫ ଅଟନ୍ତି। ତାଙ୍କର ଏ ସଫଳତା ପାଇଁ ବାପା-ମାଆ, ଗୁରୁଜୀ, ଗରୁମା ଓ ଗୁରୁଜନମାନଙ୍କ ଆଶୀର୍ବାଦ ରହିଛି ବୋଲି ସାୟନ୍ କହିଛନ୍ତି। ପାଠ ପଢ଼ି ସେ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବା ଲକ୍ଷ୍ୟରେ ଅଛନ୍ତି। ସେହି ବିଦ୍ୟାଳୟର ଛାତ୍ରୀ ତମ୍ମନା ଜେନା ୫୬୨ ନମ୍ବର (୯୩.୬୬%) ରଖି ବ୍ଲକରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ କୃତିତ୍ୱ ହାସଲ କରିଛନ୍ତି। ଚମାରଗାଁ ପଞ୍ଚାୟତର ତାରାଦିଘି ଗ୍ରାମର ରାଜୀବ କୁମାର ଜେନା ଓ ତାପସୀ ଜେନାଙ୍କ ଝିଅ ତମ୍ମନା। ସେ ବିଦ୍ୟାଳୟ ପାଠପଢ଼ା ବ୍ୟତୀତ ୭/୮ ଘଣ୍ଟା ପାଠ ପଢ଼ାରେ ସମୟ ଦେଉଥିଲେ। ଏ ସଫଳତା ହାସଲ ପଛରେ ବାପା-ମାଆ, ଗୁରୁଜୀ, ଗୁରୁମା ଓ ଗୁରୁଜନମାନଙ୍କ ଆଶୀର୍ବାଦ ରହିଛି ବୋଲି କହିଛନ୍ତି ତମ୍ମନା। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି। ସେହିଭଳି ଉକ୍ତ ବିଦ୍ୟାଳୟର ଛାତ୍ର ସିଦ୍ଧାର୍ଥ ଶଙ୍କର ଦାସ ମୋଟ ୬୦୦ ନମ୍ବର ପରୀକ୍ଷା ଦେଇ ୫୪୪ ନମ୍ବର ଓ ଶତକଡ଼ା ୯୦.୬୬% ନମ୍ବର ରଖି ବ୍ଲକରେ ଟପ୍ ୧୦ ଜଣଙ୍କ ମଧ୍ୟରେ ରହିଛନ୍ତି। ସେ ଆମ୍ବଳିଅଠା ଗ୍ରାମର ବାପା ବଂଶୀଧର ଦାସ ଓ ମାତା ଛବି ରାଣୀ ଦାସଙ୍କ ପୁତ୍ର ଅଟନ୍ତି। ସିଦ୍ଧାର୍ଥ ଦିନକୁ ବିଦ୍ୟାଳୟ ପଢ଼ା ପରେ ୧୦ ଘଣ୍ଟା ପାଠ ପଢ଼ି କୃତକାର୍ଯ୍ୟ ହୋଇଥିବା କହିଛନ୍ତି। ତାଙ୍କର କୃତକାର୍ଯ୍ୟ ହେବା ପଛରେ ବାପା-ମାଆ, ଗୁରୁଜୀ, ଗୁରୁମା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି କହିଛନ୍ତି। ସେ ଭବିଷ୍ୟତରେ ଜଣେ ଆଇଏଏସ୍ (ପ୍ରଶାସନିକ ଅଧିକାରୀ) ହେବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ଆଜି ପ୍ରକାଶ ପାଇବ ଯୁକ୍ତ ତିନି ପରୀକ୍ଷାଫଳ

**ବାଲେଶ୍ୱର,୨୭।୫(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମହାବିଦ୍ୟାଳୟଗୁଡ଼ିକର ଷଷ୍ଠ ସେମିଷ୍ଟାରର (ରେଗୁଲାର ଓ ବ୍ୟାକ୍) ପରୀକ୍ଷାଫଳ ଆଜି ପ୍ରକାଶିତ ହେବା ନେଇ ସୂଚିତ କରାଯାଇଛି। ପରୀକ୍ଷା ଫଳାଫଳ ଅପରାହ୍ଣ ୩ଟାରେ ୱେବସାଇଟ- ଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଓରିଶା ରେଜଲ୍ଟସ୍ ଡଟ୍ ଏନ୍ଆଇସି ଡଟ୍ ଇନ୍‌ରେ ଉପଲବ୍ଧ ହେବା ନେଇ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରଣ କେନ୍ଦ୍ର ତରଫରୁ ସୂଚନା ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀମାନେ ଉପରୋକ୍ତ ୱେବ୍‌ସାଇଟକୁ ଯାଇ ନିଜ ରୋଲ ନମ୍ବର ସାହାଯ୍ୟରେ ପରୀକ୍ଷା ଫଳ ଜାଣିପାରିବେ। ଏଥିସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଆଗାମୀ ଦିନରେ ଏକ ଉତ୍ତମ ଭବିଷ୍ୟତ ଗଠନ ପାଇଁ ଆଶାବ୍ୟକ୍ତ କରିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ବାଇକ୍ ଚାଳକ ମୃତ

**ରାଜଘାଟ,୨୭।୫(ସମିସ):** ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ ବାଇକ ଚାଳକଙ୍କ ମୃତ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବସ୍ତା ଥାନା ଚଣ୍ଡୀପୁର ଗ୍ରାମର ଲକ୍ଷ୍ମଣ ସାହୁ (୩୬)। ସେ କୌଣସି କାମରେ ମୟୁରଭଞ୍ଜ ଯାଇଥିବା ବେଳେ ରାଜଘାଟ ଅଭିମୁଖେ ଫେରୁଥିବା ସମୟରେ କୁଶଡିହା ନଳଗଜା ଠାରେ ବିଦ୍ୟୁତ ଖୁଣ୍ଟରେ ତାଙ୍କ ବାଇକ୍ ଧକ୍କା ହେବାରୁ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ରାସଗୋବିନ୍ଦପୁର ପୁଲିସ ମୃତ ଶରୀରକୁ ଜବତ କରିଛି।

# ବିଦ୍ୟୁତ୍ ଆଘାତରେ ନବ ଦମ୍ପତି ମୃତ

**ସିମୁଳିଆ,୨୭।୫(ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତର ପାର୍ବତୀପୁର ଗ୍ରାମରେ ବିଦ୍ୟୁତ୍ ଆଘାତରେ ନବ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ସେହି ଗ୍ରାମର ମହାକୁଡ଼ ସାହିର ମନୋଜ ମହାକୁଡ଼ (୨୭) ଏବଂ ତାଙ୍କ ସ୍ତ୍ରୀ ସସ୍ମିତା ମହାକୁଡ଼ (୨୫)। ସୋମବାର ସକାଳେ ଘର ଭିତରେ ଉଭୟଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ରବିବାର ତିନିଟା ଠାରୁ ଦମ୍ପତିଙ୍କ ଘର କବାଟ ବନ୍ଦ ଥିଲା। ରାତିରେ ସନ୍ଦେହ ହେବାରୁ କବାଟ ଭାଙ୍ଗି ଉଭୟଙ୍କୁ ମୃତ ଅବସ୍ଥାରେ ଖଟ ତଳେ ପଡ଼ିଥିବା ନେଇ ପ୍ରତ୍ୟକ୍ଷଦର୍ଶୀ ଦେଖିଥିଲେ। ସିମୁଳିଆ ପୁଲିସକୁ ଖବର ଦେବାରୁ ଶବ ଉଦ୍ଧାର କରି ଘଟଣାର ତଦନ୍ତ କରିଥିଲେ। ଘରୋଇ କଳହ କି ଅନ୍ୟ କେଉଁ କାରଣରୁ ଦମ୍ପତିଙ୍କ ମୃତ୍ୟୁ ହୋଇଛି ବା ଭିତରୁ କବାଟ ଦେଇ ପରସ୍ପର ବିଦ୍ୟୁତ କରେଣ୍ଟରେ ଆତ୍ମହତ୍ୟା କରିଛନ୍ତି ସେ ନେଇ ପୁଲିସ ତଦନ୍ତ କରୁଛି।

# ସଟର୍‌ତାଡ଼ି ୨ଟି ଗହଣା ଦୋକାନରୁ ଚୋରି

**ସୋର,୨୭।୫(ସମିସ):** ରବିବାର ବିଳମ୍ବିତ ରାତିରେ ସୋର ବ୍ଲକ ସରଶଙ୍ଖ ବଜାରରେ ଥିବା ୨ଟି ଗହଣା ଦୋକାନର ସଟରକୁ ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଗହଣା ଚୋରି ହୋଇଛି। ସୋର-କୁପାରୀ ରାସ୍ତା ସରଶଙ୍ଖ ଛକ ବଜାରରେ ଥିବା ରତିକାନ୍ତ ରଣାଙ୍କର ମା' ତାରିଣୀ ଜୁଏଲାରୀର ସଟର୍ ତାଡ଼ି ଦୋକାନରେ ଥିବା ୫୦୦ ଗ୍ରାମରୁ ଊର୍ଦ୍ଧ୍ୱ ରୂପା ଗହଣା, ଦୁଇଟି ସୁନା ଲକେଟ ଏବଂ ହଳେ ସୁନା ପଲା ଚୋରି ହୋଇଯାଇଛି। ପରେ ନିକଟରେ ଥିବା ଗୋଲୋକ ରଣାଙ୍କ ଜ୍ୟୋତି ଗହଣା ଦୋକାନର ସଟର୍ ତାଡ଼ି ଦୋକାନରେ ଥିବା ଏକ କେଜି ଓଜନର ରୂପା ଏବଂ ମରାମତି ପାଇଁ ଥିବା ଅଧଭରି ଓଜନର ସୁନା ଏବଂ ଇମିଟେସନ ଗହଣାସବୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଅଭିଯୋଗ ପାଇଁ ସୋମବାର ସକାଳେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟ

# ଓଡ଼ିଶା ସ୍କେଟିଂ ଏକାଡେମୀ ପକ୍ଷରୁ ରୋହିତ ମନୋନୀତ



**ଜଳେଶ୍ୱର,୨୭।୫(ସମିସ):** କର୍ଣ୍ଣାଟକର ବେଲଗାଁଓ ସ୍ଥିତ ଶିବଗଙ୍ଗା ରୋଲର ସ୍କେଟିଂରେ ୭୨ ଘଣ୍ଟା ନନଷ୍ଟପ୍ ରୋଲର ସ୍କେଟିଂ ରିଲେରେ ଅଂଶ ଗ୍ରହଣ କରି ଓଡ଼ିଶା ସ୍କେଟିଂ ଏକାଡେମୀର ରୋହିତ କୁମାର ଗିନିଜ ୱାର୍ଲ୍ଡ ରେକଡର୍ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜଣେ ଜାତୀୟସ୍ତରର ଖେଳାଳି, ଓଡ଼ିଶା ସ୍କେଟିଂ ସ୍ପୋର୍ଟସର ପ୍ରତିଷ୍ଠାତା ତଥା ରାଜ୍ୟ ସମ୍ପାଦକ ପାର୍ଥ ସାରଥି ଜେନା ଓଡ଼ିଶାର ୧୮ ଜଣିଆ ଦଳର ନେତୃତ୍ୱ ନେଉଛନ୍ତି। ସେ ଏହି ରେକର୍ଡ କରିବା ନେଇ ଦୃଢ଼ ନିଶ୍ଚିତ ଥିବା ମତପ୍ରକାଶ କରିଛନ୍ତି। ଓଡ଼ିଶା ଦଳରୁ ୧୮ ଜଣିଆ ଖେଳାଳି ମଧ୍ୟରୁ ଜଳେଶ୍ୱର ସହରର ପିତା ଭୂପତି ଭୋଇ ଓ ମାତା ସଂଯୁକ୍ତା ଭୋଇଙ୍କର ପୁତ୍ର ରୋହିତ କୁମାର ଭୋଇ ଉକ୍ତ ସ୍କେଟିଂ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେ ଜଳେଶ୍ୱର ସେଣ୍ଟ ଜେମସ କନଭେଣ୍ଟ ସ୍କୁଲର ନବମ ଶ୍ରେଣୀ ଛାତ୍ର। ଗତବର୍ଷ ଆଇସିଏସି ସ୍କେଟିଂ ଚମ୍ପିଆନସିପରେ ଓଡ଼ିଶା ଚାମ୍ପିଅନ ହୋଇ ଜାତୀୟସ୍ତରରେ ଖେଳିବା ପାଇଁ ମହାରାଷ୍ଟ୍ର ପୁନେକୁ ଯାଇଥିଲେ।

## ନୀଳଗିରିରେ ସାଙ୍ଗଠନିକ ସମ୍ପାଦକ ପ୍ରଣବଙ୍କ ପ୍ରଚାର

# ବିଶାଳ ରୋଡ୍ ଶୋ'; ବିପୁଳ ଜନସମର୍ଥନ






**ନୀଳଗିରି,୨୭।୫(ସମିସ)**

ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଏବଂ ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ଙ୍କ ସୁକାନ୍ତ କୁମାର ନାୟକଙ୍କ ପାଇଁ ଆଜି ନିର୍ବାଚନୀ ପ୍ରଚାର କରିଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଅପରାହ୍ଣ ୪ଟାରେ ନୀଳଗିରିସ୍ଥିତ ଏସ୍ଆର୍ ପେଟ୍ରୋଲ ପମ୍ପ ନିକଟରୁ ହଜାର ହଜାର ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ସହିତ ଏକ ମଟରସାଇକଲ ରାଲିରେ ବାହାରି ରୋଡ୍ ଶୋ' କରି ଶନ୍ତରାଗଡ଼ିଆ ବଜାରରେ ପହଞ୍ଚିବା ପରେ ମାଆମାନେ ଶଙ୍ଖ ବଜାଇ ସ୍ୱାଗତ କରିଥିଲେ। ପରେ ରୋଡ୍ ଶୋ'ରେ ଯାଇ ଈଶ୍ୱରପୁର ହାଇସ୍କୁଲ ପଡ଼ିଆରେ ପହଞ୍ଚିବା ପରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିବାବେଳେ

**ନବୀନଙ୍କ ଜନକଲ୍ୟାଣ ଯୋଜନାର ବାର୍ତ୍ତା ଦେଲେ**

ସେଠାରେ ତାଙ୍କୁ ଦଳୀୟ କର୍ମୀ ବିପୁଳ ସ୍ୱାଗତ କରିଥିଲେ। ଏହି ଅବସରରେ ସାଙ୍ଗଠନିକ ସମ୍ପାଦକ ଶ୍ରୀ ଦାସ ସମବେତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଆଗାମୀ ଜୁନ ୧ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବାଲେଶ୍ୱରର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ନୀଳଗିରି ବିଧାୟକ ପ୍ରାର୍ଥୀ ଙ୍କ ସୁକାନ୍ତ ନାୟକଙ୍କୁ ଯୋଡ଼ି ଶଙ୍ଖରେ ଭୋଟଦେଇ ବିଜୟୀ କରାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ନିଜର ଅଭିଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ଯୋଡ଼ି ଶଙ୍ଖରେ ଭୋଟ ଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିବା ସହିତ ଅଞ୍ଚଳର ଉନ୍ନତି ହେବ ବୋଲି କହିଥିଲେ। ମଞ୍ଚାସୀନ ନେତୃମଣ୍ଡଳୀମାନଙ୍କ ମଧ୍ୟରେ ଏସ୍‌ଡିସି ଚେୟାରମ୍ୟାନ ମଦନ ମୋହନ ମାଝୀ, ବରିଷ୍ଠ ଆଇନଜୀବୀ ତଥା ବିଜେଡିର ବରିଷ୍ଠ ନେତା ଅମରେନ୍ଦ୍ର ପଟ୍ଟନାୟକ, ସନାତନ ଜେନା, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏସ୍‌ସି ସେଲ୍‌ର ସଭାପତି ଶରତ ଦାସ ପ୍ରମୁଖ ଅଭିଭାଷଣ ରଖିଥିଲେ। ଏଥିରେ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଆସନ୍ତାକାଲି (ମଙ୍ଗଳବାର) ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନୀଳଗିରି ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ଉଉଁରିଆବାଡ଼ ପଞ୍ଚାୟତ ଅନ୍ତର୍ଗତ ବଣଭୂଇଁ ଆଶ୍ରମ ସ୍କୁଲ ପଡ଼ିଆରେ ହଜାର ହଜାର ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ବିଜେଡି କର୍ମୀ ଉତ୍ସାହିତ ଅଛନ୍ତି।

● ବ୍ୟାଙ୍କରୁ ଫେରୁଥିବା ବେଳେ ଲୁଟ୍

# ସାଇକଲରୁ ନେଇଗଲେ ୯୫ ହଜାର ଟଙ୍କା

**ବାଲିଆପାଳ,୨୭।୫(ସମିସ):** ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ତାପଣ୍ଡିଆ ଗ୍ରାମର ରମେଶ ଚନ୍ଦ୍ର ସାହୁ ଏବଂ ତାଙ୍କ ସ୍ତ୍ରୀ କବିତା ସାହୁ ଦିନ ୧୧ଟା ସମୟରେ ଖପରାପଦା ବ୍ୟାଙ୍କରୁ ୯୮ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବାବେଳେ ସାଇକଲରୁ ତାଙ୍କ ଟଙ୍କା ବ୍ୟାଗ ଲୁଟ୍ ହୋଇଯାଇଛି। ସୂଚନାନୁଯାୟୀ, ଖପରାପଦା ବଜାରରେ ସାଇକେଲରେ ଟଙ୍କା ବ୍ୟାଗ୍ ରଖି ସଉଦା କରୁଥିବାବେଳେ ଉକ୍ତ ବ୍ୟାଗ୍‌କୁ ଦୁଇ ଜଣ ବ୍ୟକ୍ତି ନେଇଯାଇଥିଲେ। ଏହା ଜଣାପଡ଼ିବା ପରେ ଖପରାପଦାରେ ଚହଳ ପଡ଼ିଯାଇଥିଲା। ଘର ଛାତ ପକାଇବା ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିଲେ ହେଲେ; ଟଙ୍କା ବ୍ୟାଗ୍ ଚୋରି ପରେ ଉଭୟ ସ୍ୱାମୀ ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଜମି ବିକି ଘର କରିବା ପାଇଁ ରଖିଥିବା ଟଙ୍କା ବ୍ୟାଙ୍କରୁ ଉଠାଇବା ପରେ ସେଠାରେ ଟଙ୍କା ଗଣିବାବେଳେ ଦୁଇ ଜଣ ବ୍ୟକ୍ତି ତାଙ୍କୁ ନଜର କରିଥିବା ସେ ସନ୍ଦେହ କରିଛନ୍ତି। ସେମାନେ ତାଙ୍କ ପଛରେ ଆସି ସାଇକଲରୁ ଟଙ୍କା ବ୍ୟାଗ୍‌କୁ ନେଇଯାଇଥିବା ସେ କହିଛନ୍ତି। ବ୍ୟାଙ୍କରେ ରହିଥିବା ସିସିଟିଭି କ୍ୟାମେରାରେ ସେହି ବ୍ୟକ୍ତିଜଣଙ୍କ ଫଟୋ ରହିଥିବା ବେଳେ ସାଧାରଣରେ ସିସିଟିଭି ଯାଞ୍ଚ କରିବାକୁ ଦାବି ହେବା ସହ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି।

## ୨୧ ମାସର ଶିଶୁ ପ୍ରତ୍ୟୁଷ ଅଙ୍ଗଦାନ କରି ୨ ଜୀବନ ବଞ୍ଚାଇବା ଘଟଣା

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜନ୍ମମାଟିରେ ହେଲା ଶେଷକୃତ୍ୟ

**ବାହାନଗା,୨୭।୫(ସମିସ)**





ମାତ୍ର ୨୧ ମାସର ଶିଶୁ ପୁତ୍ରର ଲିଭର ଏବଂ କିଡ୍‌ନୀକୁ ଦାନ କରି ୨ ଗୋଟି ଜୀବନ ବଞ୍ଚାଇଥିବା ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଦେବେନ୍ଦ୍ରପୁର ଗାଁର ଶିଶୁପୁତ୍ର ପ୍ରତ୍ୟୁଷ ପାଣିଗ୍ରାହୀଙ୍କ ଆଜି ନିଜ ଜନ୍ମମାଟିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ ହୋଇଛି। ଆଜି ମଧ୍ୟାହ୍ନରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପ୍ରତ୍ୟୁଷଙ୍କ ମରଶରୀର ଜନ୍ମମାଟି ଦେବେନ୍ଦ୍ରପୁର ଗାଁରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଗାଁ ଫାଟି ପଡ଼ିଥିଲା। ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ତହସିଲଦାର ସସ୍ମିତା ମୁର୍ମୁ ଏବଂ ଜିଲ୍ଲାସ୍ତରର ପୁଲିସ ଟିମ୍ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପ୍ରତ୍ୟୁଷଙ୍କ ଶେଷକୃତ୍ୟ କରାଇଥିଲେ। ପ୍ରତ୍ୟୁଷଙ୍କ ପାଇଁ ଆଜି ସାରା ଜିଲ୍ଲା ଗର୍ବ କରୁଛି। ମାତ୍ର ୨୧ ମାସର ଶିଶୁ ସାମାଜକୁ ଦେଇଥିବା ଶିକ୍ଷା ସମସ୍ତଙ୍କ ହୃଦୟରେ ଉଜ୍ଜୀବିତ ହୋଇ ରହିବ।

ସୂଚନାଯୋଗ୍ୟ ଯେ ଦେବେନ୍ଦ୍ରପୁର ଗାଁର ଚିତ୍ରଶିଳ୍ପୀ ଦମ୍ପତି ଗୌରୀ ଶଙ୍କର ପାଣିଗ୍ରାହୀ ଏବଂ ଶର୍ମିଷ୍ଠା ପାଣିଗ୍ରାହୀଙ୍କ ପୁଅ ପ୍ରତ୍ୟୁଷ ୨୦୨୨ ଜୁଲାଇରେ ଜନ୍ମଗ୍ରହଣ କରିଥିବା ବେଳେ ଜନ୍ମରୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଇଥିଲା। ସେ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିଲେ। ୧୫ ଦିନ ତଳେ ପ୍ରତ୍ୟୁଷ ସମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ଆଇସିୟୁରେ ଭର୍ତ୍ତି ଥିବା ବେଳେ ଶନିବାର ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରିଥିଲେ। ଏହା ଜାଣିବା ପରେ ଉଭୟ ବାପା-ମାଆ ଏବଂ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଶେଷରେ ପ୍ରତ୍ୟୁଷଙ୍କ ଶରୀରର ଅଙ୍ଗରେ ଅନ୍ୟ କାହାର ଜୀବନ ବଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଥିଲେ ଉଭୟ ଗୌରୀ ଶଙ୍କର ଏବଂ ଶର୍ମିଷ୍ଠା।

**ଶ୍ରୀରାମ ଯୁକ୍ତ ଦୁଇ ବିଜ୍ଞାନ କଲେଜର ଶତପ୍ରତିଶତ ସଫଳତା**

# ସୁଲଗ୍ନା ପ୍ରଥମ, ଗଣେଶ ଦ୍ୱିତୀୟ ଓ ସୌଭାଗ୍ୟ ଲକ୍ଷ୍ମୀ ତୃତୀୟ

**ବାଲେଶ୍ୱର,୨୭।୫(ସମିସ)**







ଶ୍ରୀରାମ ଯୁକ୍ତ ଦୁଇ ବିଜ୍ଞାନ କଲେଜର ଚଳିତବର୍ଷ ପରୀକ୍ଷାରେ ଶତପ୍ରତିଶତ ପାସ୍ ହାର ରହିଛି। ଚଳିତବର୍ଷ ୨୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୨ ଜଣ ପ୍ରଥମ ଶ୍ରେଣୀ ସ୍ଥାନ ଅଧିକାର କରିଥିବା ବେଳେ ୨୭ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ କରିଛନ୍ତି। ସୁଲଗ୍ନା ମହାରଣା ୫୩୯ ସର୍ବାଧିକ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ୫୩୭ ନମ୍ବର ରଖି ଗଣେଶ ସାହୁ ଦ୍ୱିତୀୟ ଏବଂ ସୌଭାଗ୍ୟ ଲକ୍ଷ୍ମୀ ବେହେରା ୫୩୬ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ୨୧ ଜଣ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ନମ୍ବର ରଖିଥିବା ବେଳେ ୩୫ ଜଣ ଛାତ୍ରଛାତ୍ରୀ ୪୮୦ ରୁ ଅଧିକ ନମ୍ବର ରଖିଛନ୍ତି। କଲେଜର ପରିଚାଳକ ଇନ୍ଦ୍ରଜିତ ଦେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭକାମନା ଜଣାଇଛନ୍ତି।

## ଟୁଙ୍କୁରୀହାଜରା ଓ ବାଜିତପୁରରେ ବିଜେଡିର କର୍ମୀ ସମ୍ମିଳନୀ

# 'ନବୀନ ଗ୍ୟାରେଣ୍ଟି ହେଉଛି ଭରସାଯୋଗ୍ୟ'

**ଚନ୍ଦନେଶ୍ୱର,୨୭।୫(ସମିସ)**



ମୁଁ ନୁହେଁ ଏଠାରେ ବିଜୁ ଜନତା ଦଳ ନିର୍ବାଚନ ଲଢୁଛି। ଆଉ ତା'ର ସାରଥୀ ସାଜିଛନ୍ତି ଭୋଗରାଇର ଅଗଣିତ ଜନସାଧାରଣ। ଏଣୁ ଆପଣମାନେ ବିଜେଡି ସପକ୍ଷରେ ଭୋଟ ଦିଅନ୍ତୁ। ସୋମବାର ଭୋଗରାଇ ବ୍ଲକ ଟୁଙ୍କୁରୀହାଜରା ଗାଁର ବିଶିଷ୍ଟ ଶିକ୍ଷାବିତ୍ ଅମର କୁମାର ଚାନ୍ଦଙ୍କ ବାସଭବନରେ ଆୟୋଜିତ ବିଜେଡିର କର୍ମୀ ସମ୍ମିଳନୀରେ ଯୋଗଦେଇ ଭୋଗରାଇ ବିଧାନସଭା ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଏଭଳି ମତପ୍ରକାଶ କରିଛନ୍ତି। ଟୁଙ୍କୁରୀହାଜରା ସେବା ସମବାୟ ସମିତି ତଥା ପଞ୍ଚାୟତ ବିଜେଡି ସଭାପତି ଯତୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଦେଶରେ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଅଦ୍ୟାବଧି ସେ ସାଢ଼େ ୪ କୋଟି ଓଡ଼ିଆଙ୍କ ସେବା କରି ଚାଲିଛନ୍ତି ବୋଲି କହିଥିଲେ। ଜୁଲାଇ ମାସରୁ ଆପଣଙ୍କ ବିଜୁଳି ବିଲ୍ ଆସିବ ନାହିଁ। ବିଜେଡି ସରକାର ମାଗଣାରେ ବିଜୁଳି ଦେବେ। ନୂଆ ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେଇଛନ୍ତି। ଜୁନ୍ ୧ ତାରିଖରେ ବିଧାନସଭାରେ ତାଙ୍କୁ ଓ ଲୋକସଭାରେ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଶ୍ରୀ ଦାସ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଜିଲ୍ଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ଭୋଗରାଇ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଚାନ୍ଦ, ସମାଜସେବୀ ସନ୍ତୋଷ ସାସମଲ, ପଞ୍ଚାୟତର ନାଏବ୍ ସରପଞ୍ଚଙ୍କ ପ୍ରତିନିଧି ହରେନ୍ଦ୍ର ପରମାଣିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ୪ ନମ୍ବର ୱାର୍ଡର ବିଜେପି ସମର୍ଥିତ ୱାର୍ଡ ମେମ୍ବର ଗୌତମ ପଟ୍ଟାୟତ, ୭ନମ୍ବର ୱାର୍ଡର ୱାର୍ଡ ମେମ୍ବର ପ୍ରାର୍ଥୀ ସୁଶାନ୍ତ କୁମାର ସାହୁ ଓ ଶ୍ରୀମନ୍ତ ସାହୁଙ୍କ ସମେତ କଂଗ୍ରେସ ଦଳର ବରିଷ୍ଠ କର୍ମୀ କାହ୍ନୁ ଚରଣ ନାୟକ ବିଜେଡିରେ ସାମିଲ୍ ହୋଇଥିଲେ। ପଞ୍ଚାୟତର ବରିଷ୍ଠ ବିଜେଡି ନେତା ମାନସ କୁମାର ଚାନ୍ଦ, ଯୁବନେତା ଦେବ ପ୍ରକାଶ ଚାନ୍ଦ, ସୁଜିତ ଚାନ୍ଦ, ଦିଲ୍ଲୀପ ବେହେରା, ଈଶ୍ୱର ମଲ୍ଲିକ, ଚନ୍ଦନ ମହାପାତ୍ର, ମହେଶ୍ୱର ମଲ୍ଲିକ ଏବଂ ରାଖାଲ ଚନ୍ଦ୍ର ଦେଙ୍କ ସମେତ ବହୁ ବରିଷ୍ଠ ତଥା ଯୁବ କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରପଞ୍ଚ ଉପେନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଜିତପୁର ପଞ୍ଚାୟତ ଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବ୍ଲକ ବିଜେଡିର କାର୍ଯ୍ୟକାରୀ ସଭାପତି ଗଣପତି ଗିରି ସଭାପତିତ୍ୱ କରିଥିଲେ। ଏହି ସମ୍ମିଳନୀରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ, ଦେବଗଡ଼ ଜିଲ୍ଲା ବିଜେଡି ନେତା ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଚାନ୍ଦ, ବଜେଡି ସଂଖ୍ୟା ଲଘୁ ସେଲ୍‌ର ମହମ୍ମଦ ଖୁରସେଦ ପ୍ରମୁଖ ଯୋଗଦେଇ ନବୀନ ଗ୍ୟାରେଣ୍ଟି ହେଉଛି ଭରସାଯୋଗ୍ୟ ଏବଂ ଡବଲ ଇଞ୍ଜିନଠାରୁ ନବୀନ ଇଞ୍ଜିନ ଅଧିକ ଶକ୍ତିଶାଳୀ ଇଞ୍ଜିନ ବୋଲି କହିଥିଲେ। ଏହି ସମ୍ମିଳନୀରେ ଏହି ପଞ୍ଚାୟତର ହଜାର ହଜାର ଜନସାଧାରଣ ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ସ୍ତ୍ରୀ ଦେହାନ୍ତକୁ ମାସେ ନ ପୂରୁଣୁ ଆଖି ବୁଜିଲେ ସ୍ୱାମୀ



**ରାଜଘାଟ,୨୭।୫(ସମିସ):** ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ନରଣପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ସୁଦର୍ଶନ ପଣ୍ଡିତ(୭୬)ଙ୍କ ଗତକାଲି ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସୁଦର୍ଶନଙ୍କ ସ୍ତ୍ରୀ ଶାନ୍ତିଲତା ରକ୍ତଚାପ ଓ ମଧୁମେହ ରୋଗରେ ପୀଡ଼ିତ ଥାଇ ଗତ ମାସ ୨୭ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ଦେହାନ୍ତକୁ ମାସେ ନ ପୂରୁଣୁ ଆଖି ବୁଜିଛନ୍ତି ସ୍ୱାମୀ ସୁଦର୍ଶନ। ସେ ଜଣେ ପରୋପକାରୀ, ଧର୍ମପରାୟଣ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ଝିଅ, ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ବିଜେଡି ପଞ୍ଚାୟତ ସଭାପତି ପ୍ରଦୀପ କୁମାର ବେହେରା, ସରପଞ୍ଚ ପ୍ରତିନିଧି ଶମ୍ଭୁନାଥ ସେଠୀ, ସମିତି ସଭ୍ୟା ପ୍ରତିନିଧି ଗଣେଶ ଚାନ୍ଦ, ୱାର୍ଡ ସଭ୍ୟା ପ୍ରତିନିଧି ଉମାଶଙ୍କର ଭୂୟାଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ନରଣପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଭାନ୍ଦିପୁର ବଡ଼ଦାଣ୍ଡ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ।

# ବିଜେଡିରେ ମିଶିଲେ ୱାର୍ଡସଭ୍ୟା

**ଖଇରା,୨୭।୫(ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତ ୬ନମ୍ବର ୱାର୍ଡର ସଭ୍ୟା ସନ୍ଧ୍ୟାରାଣୀ ବେହେରା ଓ ତାଙ୍କ ସ୍ୱାମୀ ପ୍ରତାପ ପୃଷ୍ଟି ବିଜୁ ଜନତା ଦଳର କାର୍ଯ୍ୟ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ବିଜେଡି ନେତା ଶଶିକୁମାର ସାହୁ, ଜିଲ୍ଲା ପରିଷଦ ମାନଶ କୁମାର ଦାଶ, ଛାତ୍ର ବିଜେଡି ସଭାପତି ଗୌତମ ରାଉତ, ଜିତେନ୍ଦ୍ର ବେହେରା ପ୍ରମୁଖ ତାଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇଥିଲେ। ଉକ୍ତ ୱାର୍ଡ ସଭ୍ୟାଙ୍କ ମିଶ୍ରଣ ପରେ କୁରୁଣ୍ଟାରେ ବିଜେଡିର ଶକ୍ତିବୃଦ୍ଧି ହୋଇଥିବା କୁହାଯାଉଛି।

